### ଅନ୍ତିମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଆଜି

# ୬୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୮.୯୨ ଲକ୍ଷ ଭୋଟର

- ବାଜି ଲାଗିଛି ବହୁ ପୁରୁଖା ଓ ନୂଆ ପ୍ରାର୍ଥୀଙ୍କ ଭାଗ୍ୟ
- ନିର୍ଣ୍ଣାୟକ ଭୂମିକାରେ ମହିଳା ଓ ନୂଆ ଯୁବ ଭୋଟର

ବାଲେଶ୍ୱର, ୩୧।୫(ସମିସ): ଶନିବାର ଗଣତନ୍ତ୍ରର ମହାପର୍ବ ଅନ୍ତିମ ପର୍ଯ୍ୟାୟ ମତଦାନ। ଭୋଟର୍‌ଙ୍କ ମଧ୍ୟରେ ନାହିଁ ନଥିବା ଉତ୍କଣ୍ଠା। ବଢ଼ି ଚାଲିଛି ପ୍ରାର୍ଥୀମାନଙ୍କ ହୃଦୟର ସ୍ପନ୍ଦନ। ଜିଲ୍ଲାର ୬ ବିଧାନସଭାର ଭୋଟର ବାଲେଶ୍ୱର ଲୋକସଭା ପାଇଁ ସାଂସଦଙ୍କୁ ଚୟନ କରିବାକୁ ଥିବା ବେଳେ ଜିଲ୍ଲାର ସୋର ଓ ସିମୁଳିଆ ନିର୍ବାଚନ ମଣ୍ଡଳୀର ଭୋଟର ଭଦ୍ରକ ଲୋକସଭା ପାଇଁ ଆଗାମୀ ୫ବର୍ଷ ପାଇଁ ସେମାନଙ୍କ ସାଂସଦଙ୍କୁ ବାଛିବାକୁ ଯାଉଛନ୍ତି। ବାଲେଶ୍ୱର ଲୋକସଭା ପାଇଁ ୧୧ଜଣ ପ୍ରାର୍ଥୀ ଏବଂ ଜିଲ୍ଲାର ୮ଟି ବିଧାନସଭା କ୍ଷେତ୍ରରେ ଥିବା ମୋଟ୍ ୫୭ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି। ବାଲେଶ୍ୱର ଜିଲ୍ଲାର ସର୍ବମୋଟ ୧୮ଲକ୍ଷ ୯୨ହଜାର ୮୦୫ ମତଦାତା ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ। ମୁଖ୍ୟତଃ ସାମଗ୍ରିକ ବିକାଶ, ମହିଳା ସଶକ୍ତିକରଣ ଆଦି ମୁଦ୍ଦାକୁ ନେଇ ମହିଳା ମତଦାନ ସାବ୍ୟସ୍ତ କରିବାକୁ ଥିବା ବେଳେ ନୂଆ ଯୁବ ଭୋଟର ଶିକ୍ଷା, ରୋଜଗାର, ଆତ୍ମନିଯୁକ୍ତି ଆଦି ପ୍ରସଙ୍ଗକୁ ଆଧାର କରି ସେମାନଙ୍କ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରିବେ ବୋଲି ଚର୍ଚ୍ଚା ହେଉଛି।

ବାଲେଶ୍ୱର ଲୋକସଭା ଅଧୀନରେ ଆସୁଥିବା ବାଲେଶ୍ୱର ଜିଲ୍ଲାର ସଦର, ରେମୁଣା, ନୀଳଗିରି, ବସ୍ତା, ଜଳେଶ୍ୱର ଏବଂ ଭୋଗରାଇ ବିଧାନସଭା ସମେତ ମୟୂରଭଞ୍ଜର ବଡ଼ସାହି ନିର୍ବାଚନ ମଣ୍ଡଳୀକୁ ମିଶାଇ ମାଟ୍ ୧୫, ୮୭୫୮୨ ଭୋଟର ବାଲେଶ୍ୱର ଲୋକସଭା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସେଥି ମଧ୍ୟରୁ ୭, ୮୧, ୦୩୭ ମହିଳା ଭୋଟର୍ ରହିଥିବା ବେଳେ ୮, ୦୬, ୩୯୦ ପୁରୁଷ ଏବଂ ୧୫୫ ଅନ୍ୟାନ୍ୟ ବର୍ଗର ଭୋଟର ରହିଛନ୍ତି। ବାଲେଶ୍ୱର ଲୋକସଭାରୁ ବିଜେଡି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର, ବିଜେପି ପ୍ରାର୍ଥୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ କଂଗ୍ରେସ ପ୍ରାର୍ଥୀ ପୂର୍ବତନ ସାଂସଦ ଶ୍ରୀକାନ୍ତ ଜେନାଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଛି। ଦଳୀୟ ଭୋଟ୍ ସହିତ ବ୍ୟକ୍ତିଗତ ଭୋଟ୍ ଆଧାରରେ ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଲୋକସଭା ଅଧୀନ ୭ଟି ବିଧାନସଭା ଆସନରେ ରହିଥିବା ମହିଳା ଓ ନୂଆ ଯୁବ ଭୋଟର ଆଗାମୀ ପାଞ୍ଚ ବର୍ଷ ପାଇଁ ଦିଲ୍ଲୀ ଦରବାରରେ ସେମାନଙ୍କର ପ୍ରତିନିଧି ବାଛିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ।

ରାଜନୈତିକ ମହଲରେ ଫୋକସ୍‌ରେ ରହିଛି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ। ୨୦୨୦ ଉପନିର୍ବାଚନ ପରେ ବିକାଶକୁ ନେଇ ଏହି ଆସନ ରାଜ୍ୟସ୍ତରରେ ବେଶ୍ ଚର୍ଚ୍ଚାରେ ରହି ଆସିଥିଲା। ଉପନିର୍ବାଚନ ଭଳି ଏଥର ମଧ ବିଜେଡି ପ୍ରାର୍ଥୀ ବିଧାୟକ ସ୍ୱରୂପ ଦାସ ଏବଂ ବିଜେପି ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ମଧ୍ୟରେ ମୁହାଁମୁହିଁ ଲଢ଼େଇ ହେବାକୁ ଯାଉଥିବା ବେଳେ କଂଗ୍ରେସର ଏକମାତ୍ର ମହିଳା ପ୍ରାର୍ଥିନୀ ମୋନାଲିସା ସାମଲ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ବାଲେଶ୍ୱର ସହରୀ ଭୋଟରଙ୍କ ସମେତ ମହିଳା ଓ ଯୁବ ଭୋଟରଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ସେହିପରି ରେମୁଣା ଅନୁସୂଚିତ ଜାତି ସଂରକ୍ଷିତ ଆସନରେ ବିଜେଡିର ନବାଗତା ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଲିକଙ୍କ ମୁହାଁମୁହିଁ ଲଢ଼େଇ ବିଜେପି ପ୍ରାର୍ଥୀ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହ ହେବାକୁ ଯାଉଛି। କଂଗ୍ରେସ ପ୍ରାର୍ଥୀ ପୂର୍ବତନ ବିଧାୟକ ସୁଦର୍ଶନ ଜେନାଙ୍କ ଭୂମିକା ଏହି ଲଢ଼େଇରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଯାଉଛି। ଏଠାରେ ଚାଷୀ, ମହିଳା ଓ ଯୁବ ଭୋଟରଙ୍କ ଭୂମିକା ବେଶ୍ ଗୁରୁତ୍ୱ ବହନ କରିବାକୁ ଯାଉଛି।

ଭୋଗରାଇ ଭଳି ଗୁରୁତ୍ୱପୂର୍ଣ୍ଣ ଆସନରେ ବିଜେଡି ପ୍ରାର୍ଥୀ ଗୌତମ ବୁଦ୍ଧ ଦାସଙ୍କ ଲଢ଼େଇ କଂଗ୍ରେସ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ସହିତ ହେବାକୁ ଯାଉଥିବା ବେଳେ ବିଜେପି ପ୍ରାର୍ଥୀ ଆଶିଷ ପାତ୍ରଙ୍କ ଭୂମିକା ବେଶ୍ ନିର୍ଣ୍ଣାୟକ ହେବାକୁ ଯାଉଛି। ଭୋଗରାଇରେ ମୁଖ୍ୟତଃ ଚାଷୀ, ମହିଳା ଓ ଯୁବପିଢ଼ି ଆଗାମୀ ପାଞ୍ଚ ବର୍ଷ ପାଇଁ ସେମାନଙ୍କ ଯୋଗ୍ୟ ଓ କର୍ମଠ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଯାଉଛନ୍ତି। ବସ୍ତା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ସହ କଂଗ୍ରେସ ପ୍ରାର୍ଥୀ ବିଜନ ନାୟକଙ୍କ ଲଢ଼େଇ ହେବାକୁ ଯାଉଥିବା ବେଳେ ବିଜେପି ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ଭୂମିକା ନିର୍ଣ୍ଣାୟକ ହେବାକୁ ଯାଉଛି। ବସ୍ତା ନିର୍ବାଚନ ମଣ୍ଡଳୀର ମହିଳା ଓ ଯୁବ ଭୋଟର ବିକାଶ ଓ ଆତ୍ମନିଯୁକ୍ତି ପ୍ରସଙ୍ଗକୁ ନେଇ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଲଢ଼େଇ ବିଜେପି ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ ଏବଂ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସଙ୍କ ସହିତ ହେବାକୁ ଯାଉଛି। ଏହି ଆସନରେ ତ୍ରିମୁଖୀ ଲଢ଼େଇ ହେବାକୁ ଯାଉଥିବା ବେଳେ ମହିଳା, ଯୁବ ଗୋଷ୍ଠୀର ଭୋଟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।

ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନୀଳଗିରି ଆସନରେ ବିଜେଡି ପ୍ରାର୍ଥୀ ବିଧାୟକ ସୁକାନ୍ତ ନାୟକଙ୍କ ମୁହାଁମୁହିଁ ଲଢ଼େଇ ବିଜେପି ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ସହିତ ହେବାକୁ ଯାଉଛି। ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ବାମପନ୍ଥୀ ଦଳର ପ୍ରାର୍ଥୀଙ୍କ ଭୂମିକା ବିଜୟରେ ପ୍ରମୁଖ ଆଧାର ସାଜିବାକୁ ଯାଉଛି। ସେହିପରି ବାଲେଶ୍ୱର ଲୋକସଭା ଆସନ ଅଧୀନରେ ଆସୁଥିବା ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବିଧାନସଭା କ୍ଷେତ୍ରରେ ବିଜେଡି ପ୍ରାର୍ଥୀ ଅନସୂୟା ପାତ୍ର ଓ ବିଜେପି ପ୍ରାର୍ଥୀ ବିଧାୟକ ସନାତନ ବିଜୁଳିଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେଉଥିବା ବେଳେ କଂଗ୍ରେସ ପ୍ରାର୍ଥୀ କ୍ଷୀରୋଦ ପାତ୍ରଙ୍କ ଭୂମିକା ଉପରେ ଅନ୍ୟ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ବିଜୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

ଭଦ୍ରକ ଲୋକସଭା ଆସନ ଅଧୀନରେ ରହିଥିବା ବାଲେଶ୍ୱର ଜିଲ୍ଲାର ଅନ୍ୟତମ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଧାନସଭାରେ ଲଢ଼େଇ ରୋଚକପୂର୍ଣ୍ଣ ହେବାକୁ ଯାଉଛି। ସୋର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ମାଧବ ଧଡ଼ାଙ୍କ ସହିତ ବିଜେପିରୁ ପ୍ରାର୍ଥୀ ହୋଇଥିବା ବିଧାୟକ ପର୍ଶୁରାମ ଧଡ଼ାଙ୍କ ଲଢ଼େଇ ହେବାକୁ ଯାଉଛି। ତେବେ କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଧଡ଼ା ଓ ସ୍ୱାଧୀନ ପ୍ରାର୍ଥୀ ରାକେଶ ମଲ୍ଲିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେବେ ଭୋଟରଙ୍କ ମିଜାଜ୍ ଉପରେ ଆଗାମୀ ପାଞ୍ଚ ବର୍ଷ ପାଇଁ ପ୍ରାର୍ଥୀ ନିର୍ଦ୍ଧାରଣ ନିର୍ଭର କରୁଛି।

ସେହିପରି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସିମୁଳିଆ ବିଧାନସଭା ଆସନରେ ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁଙ୍କ ସହିତ ବିଜେପି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଉତ୍କଣ୍ଠାପୂର୍ଣ୍ଣ ଲଢ଼େଇ ହେବାକୁ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରାଙ୍କ ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ବାଲେଶ୍ୱର ଜିଲ୍ଲାରେ ଉଭୟ ଲୋକସଭା ଓ ୮ ବିଧାନସଭାରେ ପ୍ରାର୍ଥୀଙ୍କ ଯୋଗ୍ୟତା ଓ ଦଳୀୟ ଆଧାରକୁ ଲକ୍ଷ୍ୟ କରି ଭୋଟର ସେମାନଙ୍କ ମତାମତ ସାବ୍ୟସ୍ତ କରିବେ ଏବଂ ଆଗାମୀ ପାଞ୍ଚ ବର୍ଷ ପାଇଁ ନିର୍ବାଚନ ମଣ୍ଡଳୀର ବିକାଶର ଧାରାକୁ ବଜାୟ ରଖିବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ପୁଅର ଠେଙ୍ଗା ମାଡ଼ରେ ବାପା ମୃତ

ରାଜଘାଟ, ୩୧।୫ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଚକ୍ରଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ନିଶାସକ୍ତ ପୁଅର ଠେଙ୍ଗା ମାଡରେ ବାପାର ମୃତ୍ୟୁ ଘଟିଛି। ଗତକାଲି ବିଳମ୍ବିତ ରାତିରେ ଚକ୍ରଡା ଗ୍ରାମର ତପନ ଦାସ କୌଣସି କାରଣରୁ ସ୍ତ୍ରୀକୁ ମାରପିଟ୍ କରିଥିଲେ। ଏହାକୁ ନେଇ ସାନ ମଝିଆ ପୁଅ ମାର୍କଣ୍ଡ ନିଶାସକ୍ତ ଅବସ୍ଥାରେ ଘରେ ପହଞ୍ଚି ମା'କୁ ମାଡ ହୋଇଥିବା ଜାଣି ଏକ ଠେଙ୍ଗାରେ ବାପାକୁ ଆକ୍ରମଣ କରିଥିଲା। ଏଥିରେ ବାପାର ପ୍ରାଣବାୟୁ ଉଡି ଯାଇଥିଲା। ଘଟଣା ପରେ ମାର୍କଣ୍ଡ ଥାନାରେ ଆତ୍ମସମର୍ପଣ କରିଛି। ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଶୁକ୍ରବାର ସକାଳେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ମୃତ ତପନଙ୍କ ଚାରି ପୁଅ ଥିବାବେଳେ ଅନ୍ୟ ତିନି ପୁଅ ବାହାରେ ରହନ୍ତି।

## 'ମନା' ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାଲେଶ୍ୱର, ୩୧।୫(ସମିସ): ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦିକା ମମତା ମହାପାତ୍ର ତମାଖୁ ସେବନର ଭୟାବହତାର ଚିତ୍ର ଉପସ୍ଥାପନ କରିଥିଲେ। ବୈଠକରେ 'ମନା'ର ଉପଦେଷ୍ଟା ସୁବ୍ରତ କର ତେଲେଙ୍ଗାନା ସରକାରଙ୍କ ପରି ଓଡ଼ିଶାରେ ତମାଖୁ ସେବନ ନିଷେଧ କରାଯିବାକୁ ସରକାରଙ୍କଠାରେ ଦାବି କରିଥିଲେ। ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ଭାରତରେ ପ୍ରତି ଘଣ୍ଟାରେ ୩ ଜଣ ତମାଖୁ ସେବନ କରୁଥିବା କାରଣରୁ ମୃତ୍ୟୁମୁଖରେ ପଡୁଥିବା ଓ କରୋନା ମହାମାରୀ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ସର୍ବାଧିକ ହାର ଥିବା ପ୍ରକାଶ କରିଥିଲେ। ବୈଠକରେ ଗଙ୍ଗାଧର ପୃଷ୍ଟି, ଶଶାଙ୍କ ଶେଖର ଦତ୍ତ, ସୀତାରାମ ପ୍ରଧାନ, ବସନ୍ତ ପ୍ରଧାନ ଓ କମଳାକାନ୍ତ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଫ୍ରାନ୍‌ସିସ ହେଲେ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ



ନୀଳଗିରି, ୩୧।୫(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ନିର୍ବାଚନ ମଣ୍ଡଳୀର ବରହମପୁର ଅଞ୍ଚଳର ବିଜେଡି ଦଳର ଯୁବ ନେତା ଫ୍ରାନସିସ୍ ବେକନ ସ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ବିଜେଡି ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି। ଆଗରୁ ଫ୍ରାନସିସ୍ ବାଲେଶ୍ୱର ଜିଲ୍ଲା ସମ୍ପାଦକ, ଜିଲ୍ଲା ସାଧାରଣ ସମ୍ପାଦକ, ନିର୍ବାଚନ ମଣ୍ଡଳୀ ସଭାପତି ଏବଂ ବ୍ଲକ ସଭାପତି ଭାବେ ସୁଚାରୁ ରୂପେ ଏକ ଶୃଙ୍ଖଳିତ କର୍ମୀ ଭାବେ ଦାୟିତ୍ୱନିର୍ବାହ କରିଥିଲେ। ଉକ୍ତ ପଦବୀ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ରାଜ୍ୟ ଛାତ୍ର ସଭାପତି ତଥା ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଜିଲ୍ଲା ଛାତ୍ର ସଭପତି ସିମନ ଦାସ ମହାପାତ୍ର, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କୁ ସେ ଧନ୍ୟବାଦ୍ ଜଣାଇଛନ୍ତି। ଆଗାମୀ ଦିନରେ ଦଳ ପାଇଁ ନିଷ୍ଠାର ସହ କାମ କରିବା ସହ ରାଜ୍ୟ ରେ ଯୁବକ ଏବଂ ଛାତ୍ର ମାନେ କିପରି ଆଗକୁ ଯାଇପାରିବେ ରାଜ୍ୟ ବିଜୁ ଜନତା ଦଳ ର ସଂଗଠନ କିପରି ଅଧିକ ସୁଦୃଢ ହୋଇପାରିବ ସେଥିପାଇଁ ବ୍ରତୀ ହେବେ ବୋଲି କହିଛନ୍ତି।

## ନୀଳଗିରିରେ ୪୬ ଦଲମା ହାତୀ



### ହାତୀଙ୍କ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ

ନୀଳଗିରି, ୩୧।୫(ସମିସ): ବାଲେଶ୍ୱର ଜିଲା ନୀଳଗିରିକୁ ଗତ ୩୦ ତାରିଖ ଗୁରୁବାର ସକାଳ ସମୟରେ ୪୬ଟି ଝାଡଖଣ୍ଡ ରାଜ୍ୟର ଦଲମା ଜଙ୍ଗଲ ହାତୀ ପଶି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୧୨ରୁ ଅଧିକ ଦନ୍ତା ହାତୀ ଥିବା ବେଳେ ୭ରୁ ଅଧିକ ଛୁଆ ହାତୀ ଓ ଅବଶିଷ୍ଟ ମାଈ ହାତୀ ଅଛନ୍ତି। ମୟୂରଭଞ୍ଜ ଜିଲ୍ଲା ଦେଇ ଦୁର୍ଗାଦେବୀ ରାସ୍ତାରେ ହାତୀପଲ ଆସି ନୀଳଗିରି ବନଖଣ୍ଡ ଅଧୀନ ଗୋପାଳପୁର ଜଙ୍ଗଲ ଭିତରେ ଲୁଚି ରହିଛନ୍ତି। କିଛି ହାତୀ ଜଙ୍ଗଲ ବାହାରକୁ ଆସି ପୁଣି ଜଙ୍ଗଲ ଭିତରକୁ ପଳେଇ ଯାଉଥିବାର ଦେଖିବାକୁ ମିଳିଛି। ନୀଳଗିରି ବନବିଭାଗ ସେମାନଙ୍କୁ ଘଉଡାଇବା ଆରମ୍ଭ କରିଥିବା ବେଳେ ମାଇକ ଯୋଗେ ଘରେ ଧାନ, ଚାଉଳ ହାଣ୍ଡିଆ, ମହୁଲ ଆଦି ନ ରଖିବାକୁ ବାରଣ କରାଯାଇଛି। ହାତୀ ସମ୍ପର୍କରେ ଖବର ପାଇଲେ ନିକଟସ୍ଥ ବନ କର୍ମଚାରୀଙ୍କୁ ଖବର ଦେବାକୁ ନିବେଦନ କରାଯାଇଛି। ବନ ବିଭାଗ ପକ୍ଷରୁ କର୍ମୀ ମୁତୟନ କରାଯାଇ ହାତୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି।

ସୂଚନା ଯୋଗ୍ୟ ନୀଳଗିରିକୁ କ୍ରମାଗତ ଭାବେ ଗତ ୧୦ ବର୍ଷ ହେବ ଶତାଧିକ ଝାଡ଼ଖଣ୍ଡୀ ହାତୀ ଖରିଫ ଧାନ ଅମଳ ବେଳେ ଆସି ବହୁ ଧନ ଜୀବନ କ୍ଷୟ କ୍ଷତି ଘଟାଇ ଚାଲି ଯାଇଥାନ୍ତି। ଏବେ ଅସମୟରେ ଏହି ହାତୀ ପଶିବା ଘଟଣା ଅଞ୍ଚଳବାସୀଙ୍କ ମନରେ ଭୟ ସଞ୍ଚାର କରିଛି। ବିଶେଷକରି ଘରେ ଥିବା ବିଭିନ୍ନ ଆସବାବପାତ୍ର, ସହିତ ଧନ ଜୀବନ କ୍ଷୟ କ୍ଷତି ହେବାର ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ଉକ୍ତ ହାତୀପଲ ଝାଡ଼ଖଣ୍ଡର ଦଲମା ଅଭୟାରଣ୍ୟରୁ ବାହାରି ମୟୂରଭଞ୍ଜ ଜିଲା ପରେ ଦୁର୍ଗାଦେବୀ ଦେଇ ନୀଳଗିରିକୁ ପଶିଛନ୍ତି।

## ଯୁବକଙ୍କ ଆକସ୍ମିକ ମୃତ୍ୟୁ

ବାଲିଆପାଳ, ୩୧।୫ (ସମିସ): ବାଲିଆପାଳ ଥାନା ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ସିମୁଳିଆ ଗ୍ରାମରେ ଏକ ଅଘଟଣ ଘଟିଯାଇଛି। ଆଜି ସକାଳେ କାଳବୈଶାଖୀ ତାଣ୍ଡବରେ ପ୍ରବଳ ଘଡଘଡି ସହ ବର୍ଷା ଲାଗି ରହିଥିବା ବେଳେ ସିମୁଳିଆ ଗ୍ରାମର ବଂଶୀଧର ପାତ୍ରଙ୍କ ପୁତ୍ର ଆଶିଷ ପାତ୍ର (୪୫) ନିଜ ବାସଭବନରେ ବସିଥିବା ବେଳେ ହଠାତ୍ ଅଚେତ ହୋଇ ଟଳି ପଡ଼ିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁର କାରଣ ଜଣା ପଡ଼ିନଥିବା ବେଳେ ପରିବାର ଲୋକେ ବଜ୍ରପାତରେ ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରୁଛନ୍ତି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ।

## ଝୋଟ ଗୋଦାମରେ ଅଗ୍ନିକାଣ୍ଡ



- ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ବାଲିଆପାଳ, ୩୧।୫(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଇଡକୋ ଛକ ନିକଟରେ ଥିବା ବିଜୟ ବିଶ୍ୱାଳ ନାମକ ଜୈନିକ ଝୋଟ ବ୍ୟବସାୟୀଙ୍କ ଝୋଟ ଗୋଦାମରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଝୋଟ ପୋଡି ପାଉଁଶ ହୋଇଯାଇଛି। ଆଜି ଅପରାହ୍ନରେ ଝୋଟ ଗୋଦାମରୁ ଧୂଆଁ ବାହାରୁଥିବା ଦେଖି ଲୋକେ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଖବର ପାଇ ବାଲିଆପାଳ ଅଗ୍ନିଶମ ବିଭାଗ ପହଞ୍ଚିଲା ବେଳକୁ ଅର୍ଦ୍ଧାଧିକ ଝୋଟ ପୋଡି ପାଉଁଶ ହୋଇଯାଇଥିଲା। ନିଆଁର ଭୟାବହତା ଏତେ ଅଧିକ ଥିଲା ଯେ ବାଲିଆପାଳ ଅଗ୍ନିଶମ ବିଭାଗ ନିଆଁକୁ ଆୟତ କରିବାରେ ଅସଫଳ ହୋଇଥିଲେ। ପରେ ବସ୍ତାରୁ ଆଉ ଏକ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନି କାଣ୍ଡରେ ଲକ୍ଷାଧିକ ଟଙ୍କାର ଝୋଟ ନଷ୍ଟ ହୋଇଥିବା ଜଣାପଡ଼ିଥିବା ବେଳେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଲା ତାହା ଜଣାପଡ଼ିନାହିଁ।

## ବାହାନଗାରେ ଭୋଟଦେବେ ୧.୧୭ ଲକ୍ଷ ମତଦାତା




ବାହାନଗା, ୩୧।୫(ସମିସ) : ଶନିବାର ରାଜ୍ୟରେ ଶେଷ ପର୍ଯ୍ୟାୟ ଭୋଟ୍ ଗ୍ରହଣ। ଏହି କ୍ରମରେ ବାଲେଶ୍ୱର ଜିଲ୍ଲାରେ ଭୋଟ୍ ଗ୍ରହଣ ହେଉଥିବା ବେଳେ ସୋର ଏବଂ ନୀଳଗିରି ବିଧାନସଭା ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥିଙ୍କୁ ଭୋଟ୍ ଦେବେ ବାହାନଗା ବ୍ଲକର ୧ ଲକ୍ଷ ୧୭ ହଜାର ୪୦୫ ଜଣ ଭୋଟର। ବାହାନଗା ବ୍ଲକ ୨୪ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ଏଥିରୁ ୧୯ଟି ଗ୍ରାମ ପଞ୍ଚାୟତ ସୋର ବିଧାନସଭା ଏବଂ ଭଦ୍ରକ ଲୋକସଭା ଅଧୀନରେ ଥିବାବେଳେ ବ୍ଲକର ୫ଟି ନିର୍ବାଚନ ମଣ୍ଡଳୀ ନୀଳଗିରି ବିଧାନସଭା ଏବଂ ବାଲେଶ୍ୱର ଲୋକସଭା ଅଧୀନରେ ରହିଛି। ସୋର ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଦଳ ସହ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ସମୁଦାୟ ୮ ଜଣ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେହିଭଳି ନୀଳଗିରି ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଦଳ ସହ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ୭ ଜଣ ବିଧାୟକ ପ୍ରାର୍ଥି ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବାହାନଗା ବ୍ଲକରେ ସମୁଦାୟ ୧ ଲକ୍ଷ ୧୭ ହଜାର ୪୦୫ ଜଣ ଭୋଟର ଥିବା ବେଳେ ସେଥିରୁ ସୋର ନିର୍ବାଚନ ମଣ୍ଡଳୀ ଅଧୀନରେ ୮୫ ହଜାର ୪୪୦ ଭୋଟର ରହିଛନ୍ତି। ଏଥିମଧ୍ୟରୁ ୪୩ ହଜାର ୪୮୩ ପୁରୁଷ ଭୋଟର ଥିବା ବେଳେ ୪୧ ହଜାର ୯୫୪ ମହିଳା ଏବଂ ୩ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ସେହିପରି ନୀଳଗିରି ନିର୍ବାଚନ ମଣ୍ଡଳୀର ଥିବା ୫ଟି ପଞ୍ଚାୟତରେ ସମୁଦାୟ ୩୧ ହଜାର ୯୫୬ ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ୧୬ ହଜାର ୨୬୬ ଜଣ ପୁରୁଷ ଥିବା ବେଳେ ୧୫ ହଜାର ୬୯୮ ଜଣ ମହିଳା ଭୋଟର ଏବଂ ୧ ଜଣ ଅନ୍ୟାନ୍ୟ ଭୋଟର ଥିବା ଜଣାପଡ଼ିଛି। ୨ ଗୋଟି ବିଧାନସଭା ଏବଂ ୨ ଗୋଟି ଲୋକସଭା ପାର୍ଥିଙ୍କ ପାଇଁ ବାହାନଗା ବ୍ଲକବାସୀ ଆଜି ଭୋଟ୍ ଦେଉଥିବା ବେଳେ ଭୋଟ୍ ଗ୍ରହଣ ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବାହାନଗା ବ୍ଲକରେ ସମୁଦାୟ ୧୧୮ଟି ବୁଥରେ ମତଦାନ ହେଉଥିବା ବେଳେ ସେଥିରୁ ସୋର ବିଧାନସଭା ଏବଂ ଭଦ୍ରକ ଲୋକସଭା ଭୋଟ୍ ପାଇଁ ୮୫ ଗୋଟି ବୁଥ କରାଯାଇଛି। ସେହିପରି ବାହାନଗା ବ୍ଲକର ନୀଳଗିରି ବିଧାନସଭା ଏବଂ ବାଲେଶ୍ୱର ଲୋକସଭା ପାଇଁ ୩୩ ଗୋଟି ବୁଥ କରାଯାଇଛି। ସେହିପରି ନିର୍ବାଚନର ମହାନ ପର୍ବ ରେ ଭୋଟର ମାନଙ୍କୁ ଭୋଟ୍ ଦେବା ପ୍ରତି ଆକୃଷ୍ଟ କରିବା ପାଇଁ ସେଥିରୁ ବାହାନଗା ବ୍ଲକରେ ୬ ଗୋଟି ସଖି ବୁଥ ହୋଇଥିବା ବେଳେ ୧ଟି ମଡେଲ ବୁଥ, ୩ଟି ଇକୋ ଫ୍ରେଣ୍ଡଲି ବୁଥ ସହ ସୋର ବିଧାନସଭା ଭୋଟ୍ ପାଇଁ ବ୍ଲକରେ ୭୫ଟି ସାଧାରଣ ବୁଥ ରହିଛି। ପ୍ରତି ବୁଥରେ ଜଣେ ପ୍ରିଜାଇଡିଂ ଅଫିସର, ୫ ଜଣ ପୁଲିଂ ଅଫିସର ଏବଂ ପୁଲିସ କର୍ମଚାରୀ ମୁତୟନ ଅଛନ୍ତି। ବାହାନଗା ବ୍ଲକରେ ଥିବା ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ ଗୁଡ଼ିକରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଥିବା ବେଳେ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖାହେବା ବେଳକୁ ସମସ୍ତ ବୁଥରେ ପୋଲିଂ ପାର୍ଟି ପହଞ୍ଚି ସାରିଥିବା ସୂଚନା ମିଳିଛି।






ଆଜି ଶେଷ ପର୍ଯ୍ୟାୟ ମତଦାନ

# ୬ ନିର୍ବାଚନ ମଣ୍ଡଳୀର ବୁଥ୍‌ରେ ପହଞ୍ଚିଲେ ପୁଲିଂ ପାର୍ଟି






ବାଲେଶ୍ୱର, ୩୧।୫(ସମିସ):

ଶେଷ ପର୍ଯ୍ୟାୟ ମତଦାନକୁ ବାକି ରହିଥିବା ୬ଟି ନିର୍ବାଚନ ମଣ୍ଡଳୀ ପାଇଁ ଆଜି ସମସ୍ତ ପୁଲିଂ ପାର୍ଟି ନିଜ ବୁଥକୁ ଯାଇଛନ୍ତି। ଶନିବାର ସକାଳ ୭ଟାରୁ ଆରମ୍ଭ ହେବ ମତଦାନ। ଏହାଛଡା ନିର୍ବାଚନକୁ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି ଶେଷ ହୋଇଛି। ଜିଲ୍ଲାରେ ଗୋଟିଏ ଲୋକସଭା ଓ ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୁଲିଂ ପାର୍ଟିମାନେ ବିଭିନ୍ନ ବୁଥକୁ ଯାଇଛନ୍ତି। ଗତକାଲି ପ୍ରଥମ ପର୍ଯ୍ୟାୟରେ ଦୁଇଟି ନିର୍ବାଚନ ମଣ୍ଡଳୀ ଅର୍ଥାତ ଭୋଗରାଇ ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀ ପାଇଁ ପୁଲିଂ ପାର୍ଟିମାନେ ଗସ୍ତ କରିଥିବା ବେଳେ ଆଜି ଆଉ ୬ଟି ନିର୍ବାଚନ ମଣ୍ଡଳୀ ପାଇଁ ପୁଲିଂ ପାର୍ଟି ବୁଥ ଗସ୍ତ କରିଛନ୍ତି।

ଜଳେଶ୍ୱର(୩୫) ପାଇଁ ଗ୍ରହଣ କେନ୍ଦ୍ର ସରକାରୀ ଆଇଟିଆଇ ପଡ଼ିଆରୁ ଆଜି ପୁଲିଂ ପାର୍ଟି ଯାଇଥିବା ବେଳେ ବସ୍ତା(୩୭)ପାଇଁ ଖ୍ରୀଷ୍ଟିଆନ ସ୍କୁଲ ପଡ଼ିଆ, ବାଲେଶ୍ୱର(୩୮)ପାଇଁ ଜିଲ୍ଲାପାଳଙ୍କ ପରିସର, ରେମୁଣା (୩୯) ପାଇଁ ଖ୍ରୀଷ୍ଟିଆନ ସ୍କୁଲ ପଡ଼ିଆ, ନୀଳଗିରି (୪୦)ପାଇଁ ନୀଳଗିରି ଡିଗ୍ରୀ କଲେଜ ପଡ଼ିଆ ଓ ସୋର(୪୧) ଏବଂ ସିମୁଳିଆ(୪୨)ପାଇଁ ରେମୁଣା ଡିଗ୍ରୀ କଲେଜ ପଡ଼ିଆରୁ ସେମାନେ ନିର୍ଦ୍ଧାରିତ ବୁଥକୁ ଯାଇଛନ୍ତି। ପୁଲିଂ ଅଧିକାରୀଙ୍କ ସହଜତା ପାଇଁ ୪ଟି ସଟଲ



ବସ୍ ଜିଲ୍ଲାପାଳ କ୍ୟାମ୍ପସରୁ ସିନେମା ଛକ, କଣ୍ଟେଇ ଛକ, ଆଇଟିଆଇ ଛକ ଦେଇ ପୁନଶ୍ଚ ଜିଲ୍ଲାପାଳ କ୍ୟାମ୍ପସକୁ ପରିବହନ କରିଥିଲା। ସେହିଭଳି ପ୍ରତି ବ୍ଲକ ମୁଖ୍ୟାଳୟରୁ ଦୁଇଟି ନିର୍ବାଚନ ସ୍ୱତନ୍ତ୍ର ବସ୍ ପୁଲିଂ ଅଧିକାରୀଙ୍କ ପରିବହନରେ ସାହାଯ୍ୟ କରିଥିଲା। ସମସ୍ତ ପୋଲିଂ ଅଧିକାରୀଙ୍କୁ ୱେଲନେସ କିଟ, ମେଡିକାଲ କିଟ ଏବଂ ଶୁଖିଲା ଖାଦ୍ୟ କିଟ୍ ଯୋଗାଇ ଦିଆଯାଇଛି। ଏହି ସମସ୍ତ ବୁଥକୁ ଆଜି ପ୍ରିଜାଇଡିଂ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ସେମାନଙ୍କର ଇଭିଏମ ମେସିନ ସହ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ନେଇ ନିଜ ବୁଥରେ ପହଁଚିଛନ୍ତି। ସେହିପରି ବସ୍ତା ନିର୍ବାଚନ ମଣ୍ଡଳୀ ପାଇଁ ୨୫୨ଟି ପୁଲିଂ ବୁଥ ରହିଥିବା ବେଳେ ୨ଲକ୍ଷ ୪୫ ହଜାର ୬୨୭ଜଣ ଭୋଟର ରହିଛନ୍ତି। ସେହିପରି ବାଲେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ୨୦୬ଟି ପୁଲିଂ ବୁଥ ରହିଥିବା ବେଳେ ୨ଲକ୍ଷ୨୯ହଜାର ୫୯୫ଜଣ ଭୋଟର ରହିଛନ୍ତି। ସେହିପରି ରେମୁଣା ନିର୍ବାଚନ ମଣ୍ଡଳୀ ପାଇଁ ୨୩୨ଟି ପୁଲିଂ ବୁଥ ରହିଥିବା ବେଳେ ୨ଲକ୍ଷ ୨୮ହଜାର ୮୧୧ଜଣ ଭୋଟର ରହିଛନ୍ତି। ସେହିପରି ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ ୨୧୯ଟି ପୁଲିଂ ବୁଥ ରହିଥିବା ବେଳେ ୨ଲକ୍ଷ ୧୬ ହଜାର ୧୫୬ଜଣ ଭୋଟର ରହିଛନ୍ତି। ସେହିପରି ସୋର ନିର୍ବାଚନ ମଣ୍ଡଳୀ ପାଇଁ୨୨୭ଟି ପୁଲିଂ ବୁଥ ରହିଥିବା ବେଳେ ୨ଲକ୍ଷ ୨୭ ହଜାର ୫୬୫ଜଣ ଭୋଟର ରହିଛନ୍ତି।

# ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ବାଲେଶ୍ୱର, ୩୧।୫(ସମିସ): ଶନିବାର ଭୋଟ ପାଇଁ ଆଜି ପୁଲିସ ପ୍ରଶାସନ ପକ୍ଷରୁ ସହରରେ ଏକ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଆଜି ଜିଲ୍ଲା ପୁଲିସ ପକ୍ଷରୁ ଟାଉନଥାନା ଅଞ୍ଚଳର ବହୁ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ଫ୍ଲାଗ୍ ମାର୍ଚ୍ଚ କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ନେତୃତ୍ୱରେ ଏହି ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏନେଇ ଏସପି କହିଛନ୍ତି ଯେ, ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏହି ଫ୍ଲାଗମାର୍ଚ୍ଚ କରାଯାଉଛି। ନିର୍ବାଚନ ସମୟରେ ଜିଲ୍ଲାରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ପୁଲିସ ଯତ୍ନବାନ ରହିଛି। ବିଶେଷ କରି ଆଜିର ଏହି ଫ୍ଲାଗ ମାର୍ଚ୍ଚରେ ଏକ କମ୍ପାନୀ ବୋର୍ଡର ସିକ୍ୟୁରିଟ ଫୋର୍ସ ଅର୍ଥାତ ୩ପ୍ଲାଟୁନ ଏବଂ ଜିଲ୍ଲା ପୁଲିସର ୫ପ୍ଲାଟୁନ ଭାଗ ନେଇଥିଲେ। ବିଶେଷ କରି ଏହି ଫ୍ଲାଗମାର୍ଚ୍ଚ ଟାଉନ ଥାନା ସମ୍ମୁଖରୁ ବାହାରି ଗୋଳାପୋଖରୀ, ବଙ୍କାଖଜୁରୀ, ସୁନହଟ, କଂସେଇ ମହଲା, ଦରଘା ମଇଦାନ, ପୁରୁଣା ବାଲେଶ୍ୱର ଆଦି ସ୍ଥାନ ହୋଇ ମିଶନ ପଡ଼ିଆଠାରେ ଶେଷ ହୋଇଥିଲା। ଏହି ଫ୍ଲାଗ ମାର୍ଚ୍ଚରେ ସହଦେବଖୁଂଟା ଥାନା, ଟାଉନ ଥାନା, ସଦର ଥାନା, ଶିଳ୍ପାଂଚଳ ଥାନା ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ସିଟି ଡିଏସପି ଗାୟତ୍ରୀ ପ୍ରଧାନଙ୍କ ସମେତ ସହଦେବଖୁଣ୍ଟା ଥାନା ଅଧିକାରୀ ପ୍ରେମପ୍ରଜ୍ଞା ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ସାମିଲ ଥିଲେ।

# ଜିଲ୍ଲାରେ ୮୮୯ଟି ମଡେଲ ବୁଥ୍

ବାଲେଶ୍ୱର, ୩୧।୫(ସମିସ): ଶେଷ ପର୍ଯ୍ୟାୟ ଭୋଟ ପାଇଁ ଜିଲ୍ଲାରେ ମୋଟ ୧୯୧୩ଟି ବୁଥ ରହିଥିବା ବେଳେ ସେଥିମଧ୍ୟରୁ ୮୮୯ଟି ମଡେଲ ବୁଥ କରାଯାଇଛି। ସେଥିମଧ୍ୟରୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ୧୫ଟି ସଖୀ ବୁଥ ହୋଇଥିବା ବେଳେ ୨ଟି ୟୁଥ ବୁଥ ଅର୍ଥାତ ମୋଟ ୧୭ଟି ବୁଥ କରାଯାଇଛି। ସେହିପରି ଭୋଗରାଇ ନିର୍ବାଚନ ମଣ୍ଡଳୀ ପାଇଁ ୧୦ଟି ସଖୀ ବୁଥ ହାଇଥିବା ବେଳେ ୨ଟି ୟୁଥ ବୁଥ, ଦୁଇଟି ଇକୋ ଫ୍ରେଣ୍ଡଲୀ ବୁଥ ହୋଇଥିବା ବେଳେ ଗୋଟିଏ ଏଥନିକ, ଅନ୍ୟାନ୍ୟ ୪ଟି ବୁଥକୁ ମିଶାଇ ମୋଟ ୧୯ଟି ମୋଡେଲ ବୁଥ ହୋଇଛି। ସେହିପରି ବସ୍ତା ନିର୍ବାଚନ ମଣ୍ଡଳୀ ପାଇଁ ୨୯ଟି ସଖୀ ବୁଥ ହୋଇଥିବା ବେଳେ ଦୁଇଟି ୟୁଥ ବୁଥ, ଦୁଇଟି ଇକୋ ଫ୍ରେଣ୍ଡଲୀ, ଦୁଇଟି ଏଥନିକ ଏବଂ ଦୁଇଟି ଅନ୍ୟାନ୍ୟ ବୁଥକୁ ନେଇ ମୋଟ ୩୭ଟି ମୋହେଲ ବୁଥ କରାଯାଇଛି। ସେହିପରି ବାଲେଶ୍ୱରରେ ୬୧ଟି ସଖୀ ବୁଥ ହୋଇଥିବା ବେଳେ ଗୋଟିଏ ପିଡବ୍ଲ୍ୟୁଡି ବୁଥ ସାଙ୍ଗକୁ ଦୁଇଟି ୟୁଥ, ୩ଟି ଇକୋ ଫ୍ରେଣ୍ଡଲୀ, ୫ଟି ଏଥନିକ ଏବଂ ଦୁଇଟି ଅନ୍ୟାନ୍ୟ ବୁଥକୁ ମିଶାଇ ମୋଟ ୭୪ଟି ମଡେଲ ବୁଥ କରାଯାଇଛି। ସେହିପରି ରେମୁଣାରେ ୨୪ଟି ସଖୀ ବୁଥ ହୋଇଥିବା ବେଳେ ଗୋଟିଏ ପିଡବ୍ଲ୍ୟୁଡି ବୁଥ ସାଙ୍ଗକୁ ଦୁଇଟି ୟୁଥ, ୧ଟି ଇକୋ ଫ୍ରେଣ୍ଡଲୀ, ୧ଟି ଏଥନିକ ଏବଂ ଦୁଇଟି ଅନ୍ୟାନ୍ୟ ବୁଥକୁ ମିଶାଇ ମୋଟ ୩୧ଟି ମଡେଲ ବୁଥ କରାଯାଇଛି। ସେହିପରି ନୀଳଗିରିରେ ୧୪ଟି ସଖୀ ବୁଥ ହୋଇଥିବା ବେଳେ ଦୁଇଟି ୟୁଥ, ୬ଟି ଇକୋ ଫ୍ରେଣ୍ଡଲୀ, ୪ଟି ଏଥନିକ ଏବଂ ଦୁଇଟି ଅନ୍ୟାନ୍ୟ ବୁଥକୁ ମିଶାଇ ମୋଟ ୨୮ଟି ମଡେଲ ବୁଥ କରାଯାଇଛି। ସେହିପରି ସୋରରେ୧୯ଟି ସଖୀ ବୁଥ ହୋଇଥିବା ବେଳେ ଦୁଇଟି ୟୁଥ, ୬ଟି ଇକୋ ଫ୍ରେଣ୍ଡଲୀ, ୧ଟି ଏଥନିକ ଏବଂ ତିନୋଟିଅନ୍ୟାନ୍ୟ ବୁଥକୁ ମିଶାଇ ମୋଟ ୩୧ଟି ମଡେଲ ବୁଥ କରାଯାଇଛି। ସେହିପରି ସିମୁଳିଆରେ୧୭ଟି ସଖୀ ବୁଥ ହୋଇଥିବା ବେଳେ ଦୁଇଟି ୟୁଥ, ୨ଟି ଇକୋ ଫ୍ରେଣ୍ଡଲୀ, ୧ଟି ଏଥନିକ ବୁଥକୁ ମିଶାଇ ମୋଟ ୨୨ଟି ମଡେଲ ବୁଥ କରାଯାଇଛି। ତେବେ ମୋଟ ଉପରେ ୧୮୯ଟି ସଖୀ ବୁଥ ହୋଇଥିବା ବେଳେ ୨ଟି ଦିବ୍ୟାଙ୍ଗ ପାଇଁ ବୁଥ, ୧୬ଟି ୟୁଥ ବୁଥ ହୋଇଥିବା ବେଳେ ୨୨ଟି ଇକୋ ଫ୍ରେଣ୍ଡଲୀ, ୧୫ଟି ଏଥନିକ ଏବଂ ୧୫ଟି ଅନ୍ୟାନ୍ୟ ମଡେଲ ବୁଥକୁ ମିଶାଇ ମୋଟ ୮୮୯ଟି ବୁଥ କରାଯାଇଛି।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାଲେଶ୍ୱର, ୩୧।୫(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମେ ଆଇ ହେଲ୍ପ ୟୁ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଲସେନ ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡା. ମୃତ୍ୟୁଞ୍ଜୟ ମିଶ୍ର କହିଥିଲେ, ତମାଖୁ ସେବନ ଦ୍ୱାରା କର୍କଟ, ହୃଦ ରୋଗ ଭଳି ମାରାତ୍ମକ ରୋଗ ହୋଇଥାଏ। ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ। ତମାଖୁ ଶିଳ୍ପର ହସ୍ତକ୍ଷେପରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁ ମାନଙ୍କୁ ତମାଖୁ ଓ ତମାଖୁ ଜାତୀୟ



ଦ୍ରବ୍ୟ ଠାରୁ ଦୂରେଇ ରଖିବା ପାଇଁ ଡ ଜଗଦେବ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏମ ଅନିଲ ମହାନ୍ତି ଓ ସଂକ୍ରମଣ ରୋଗ ବିଶେଷଜ୍ଞ ଡା. ଅରୂପ ଅଭିଷେକ୍ ପ୍ରମୁଖ ତମାଖୁ ସେବନ ଦ୍ୱାରା ଦେଶର ପ୍ରତିବର୍ଷ କେତେ ବ୍ୟକ୍ତି କ୍ୟାନସର ଓ ହୃଦ ରୋଗରେ ଆକ୍ରାନ୍ତ ହେଇ ମୃତ୍ୟୁମୁଖରେ ପଡୁଛନ୍ତି, ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଚିକିତ୍ସାଧିକାରୀ ଡ ଜଗଦେବ ତମାଖୁ ବର୍ଜନ ପାଇଁ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଆଶାକର୍ମୀ ମାନଙ୍କୁ ଶପଥ ପାଠ କରାଇଥିଲେ। ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରମଣୀକାନ୍ତ ଭଞ୍ଜ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟାଉନ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବାଲେଶ୍ୱର, ୩୧।୫(ସମିସ): ଟାଉନ୍ ହାଇସ୍କୁଲର ବରିଷ୍ଠ ହିନ୍ଦୀ ଶିକ୍ଷକ ଅକ୍ଷୟ କୁମାର ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମତି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପାତ୍ର ଦୀର୍ଘ ୨୦ ବର୍ଷ ଧରି ବିଦ୍ୟାଳୟରେ ସେବା ଯୋଗାଇ ଆସିଛନ୍ତି। ଆଜି ଆଲୁମିନି, ଏସଏମସି ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଛୁଟି ପରେ ବିଦ୍ୟାଳୟ ତରଫରୁ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ଶୁକ୍ରବାର ଦିନ ଅନୁଷ୍ଠିତ ସଭାରେ ଆଲୁମିନି ସଭାପତି ସୁବ୍ରତ କର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ଏସ୍ ଏମ ସି ସଭାପତି ପ୍ରଦୀପ କୁମାର ଖୁଣ୍ଟିଆ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନା, ପ୍ରାକ୍ତନ ଏସ୍ଏମସି ସଭାପତି ପ୍ରଦୀପ ପ୍ରଧାନ, ପ୍ରହ୍ଲାଦ ପ୍ରସାଦ ଗୁପ୍ତା, ପ୍ରାକ୍ତନ ଶିକ୍ଷକ ଦାମୋଦର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ସଭାକୁ ଶିକ୍ଷୟିତ୍ରୀ କଳ୍ପଲତା ରଥ, ଦେବସ୍ମିତା ଦାସ, ଶଶଧର ନାୟକ ପରିଚାଳନା କରିଥିବାବେଳେ ଶେଷରେ ଅଫିସ ସହକାରୀ ରାଜେନ୍ଦ୍ର ଦେ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଆମେ ବାଲେଶ୍ୱରିଆ ଭାରି ବଢ଼ିଆ, ଭୋଟ୍ ଦେଇ ନିଜ ଭବିଷ୍ୟତ ଗଢ଼ିବା’

ବାଲେଶ୍ୱର, ୩୧।୫(ସମିସ):



- ମତଦାନକୁ ନେଇ ଜିଲ୍ଲା ପ୍ରଶାସନର ସଚେତନତା ଭିଡିଓ ଜାରି
- ଭୋଟ୍ ଦେବାକୁ ଅନୁରୋଧ କଲେ ଜିଲ୍ଲାପାଳ ଓ ଏସ୍‌ପି

ରାଜ୍ୟର ଶେଷ ପର୍ଯ୍ୟାୟ ମତଦାନରେ ରାଜ୍ୟର ଅବଶିଷ୍ଟ ୬ଟି ଲୋକସଭା ଆସନ ଯଥା ବାଲେଶ୍ୱର ସମେତ ମୟୂରଭଞ୍ଜ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ରହିଛି। ଏହା ଅନ୍ତର୍ଗତ ୪୨ ଟି ବିଧାନସଭା କ୍ଷେତ୍ର ପାଇଁ ଜୁନ୍ ୧ ଶନିବାର ଦିନ ଭୋଟ୍ ଗ୍ରହଣ କରାଯିବ। ଏହା ପୂର୍ବରୁ ବିଧି ଅନୁସାରେ ନିର୍ବାଚନ ପ୍ରଚାରରେ ମଧ୍ୟ ବିରାମ ଲାଗିଛି। ତେବେ ଏହି ଭୋଟ୍ ସମୟରେ ଯିଏ ଯେଉଁଠି ଥିଲେ ବି ନିଜ ଅଞ୍ଚଳକୁ ମତଦାନ କରିବାକୁ ଆସନ୍ତି। କିନ୍ତୁ ଅନେକ ଏହି ଭୋଟ୍‌ର ମୂଲ୍ୟ ନ ବୁଝି ଭୋଟ୍ ଦେବାକୁ ଆସନ୍ତି ନାହିଁ। ଘରେ ରହି ଛୁଟି ମନାନ୍ତି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରଶାସନ ମତଦାନକୁ ନେଇ ଶୁକ୍ରବାର ଦିନ ଏକ ସଚେତନତା ଭିଡିଓ ଜାରି କରିଛି। ଜୁନ୍ ୧ ରେ ସମସ୍ତଙ୍କୁ ଭୋଟ୍ ଦେବାର ଅଧିକାର ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ଏହି ଭିଡିଓ ମାଧ୍ୟମରେ ସମସ୍ତ ବାଲେଶ୍ୱରବାସୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ଦିନ କଲେକ୍ଟର ଆଣ୍ଡ ଡିଏମ୍ ବାଲେଶ୍ୱର ଆକାଉଣ୍ଟରୁ ମତଦାନକୁ ନେଇ ଏକ ସଚେତନତା ଭିଡିଓ ‘ଏକ୍ସ’ ରେ ପୋଷ୍ଟ କରାଯାଇଛି। ଏହି ଟୁଇଟ୍ ହୋଇଥିବା ଭିଡିଓଟି ପ୍ରାୟ ଦେଢ ମିନିଟ୍‌ର। ଆମ ଜିଲ୍ଲା ବାଲେଶ୍ୱର ଗୀତ ସହ ଏହି ଭିଡିଓରେ ରହିଛି ଏକ ସଚେତନତାର ବାର୍ତ୍ତା। ଏହି ଭିଡିଓରେ ମତଦାନ ପାଇଁ ସମସ୍ତଙ୍କୁ ଯିବା ପାଇଁ ଜିଲ୍ଲା ପ୍ରଶାସନ ଅନୁରୋଧ କରିଛନ୍ତି। ଏହି ଭିଡିଓରେ କିଛି ସ୍କୁଲ ଛାତ୍ରୀଙ୍କ କଥା ମଧ୍ୟ ରହିଛି, ଯେଉଁଥିରେ ସେମାନେ କହୁଛନ୍ତି, ମୁଁ ସିନା ଭୋଟ୍ ଦେଇପାରିବିନି, ହେଲେ ଆପଣମାନେ ନିଶ୍ଚୟ ଭୋଟ୍ ଦିଅନ୍ତୁ’। ଏଥିସହ ଭୋଟ୍‌କୁ ନେଇ ଅନେକ ବାର୍ତ୍ତା ମଧ୍ୟ ରହିଛି ଏହି ଭିଡିଓରେ। ଏହାବ୍ୟତୀତ ଏହି ଭିଡିଓ ମାଧ୍ୟମରେ ବାଲେଶ୍ୱରବାସୀଙ୍କୁ ଭୋଟ୍ ଦେବାକୁ ଜିଲ୍ଲାପାଳ ଆଶିଷ ଠାକରେ ଓ ଏସ୍‌ପି ସାଗରିକା ନାଥ ମଧ୍ୟ ଅନୁରୋଧ କରିଛନ୍ତି। ଜୁନ୍ ୧ରେ ମତଦାନ ଦିବସ ଏବଂ ଆସନ୍ତୁ ଏବଂ ଭୋଟ୍ ଦିଅନ୍ତୁ ବୋଲି ଜିଲ୍ଲାପାଳ ଓ ଏସପି କହିଛନ୍ତି। ସମସ୍ତଙ୍କ ସ୍ୱର ଓ ପ୍ରତ୍ୟେକ ଭୋଟ୍ ଗଣନା ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଆମେ ସମସ୍ତେ ମିଶି ଆମର ଭବିଷ୍ୟତକୁ ଏକ ନୂଆ ରୂପରେ ଗଢିବାର ଆହ୍ୱାନ ଦିଆଯାଇଛି। ନିର୍ବାଚନରେ ଭୋଟ୍ ଦେବା ପ୍ରତ୍ୟେକ ନାଗରିକଙ୍କ ଏକ ମୌଳିକ ଅଧିକାର। ଏହି ଅଧିକାର ସମସ୍ତଙ୍କୁ ୫ ବର୍ଷରେ ଥରେ ଲେଖାଏଁ ମିଳିଥାଏ। ତେଣୁ ଏହି ଦିନକୁ ସଭିଏଁ ଛୁଟି ଦିନ ରୂପେ ନ ପାଳି ଗଣତନ୍ତ୍ରକୁ ସୁଦୃଢ କରିବାରେ ନିଜର ମୁଖ୍ୟ ଭୂମିକା ନିର୍ବାହ କରିବାକୁ କୁହାଯାଇଛି। ଆମେ ବାଲେଶ୍ୱରିଆ ଭାରି ବଢ଼ିଆ, ଭୋଟ୍ ଦେଇ ନିଜ ଭବିଷ୍ୟତ ଗଢିବା। ନିର୍ବାଚନର ପର୍ବ ଦେଶର ଗର୍ବ। ପ୍ରକାଶ ଥାଉ କି, ଏଥର ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୧୮, ୯୨, ୮୦୫ ମତଦାତା ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବେ। ଯେଉଁଥିରେ ୯, ୬୩, ୨୧୨ ପୁରୁଷ ଭୋଟର ଥିବା ବେଳେ ୯, ୨୯, ୪୪୯ ମହିଳା ଭୋଟର ଅଛନ୍ତି ଏବଂ ଅନ୍ୟାନ୍ୟ ଲିଙ୍ଗଗତ ବର୍ଗର ଭୋଟର ସଂଖ୍ୟା ୧୪୪ ରହିଛି। ଜିଲ୍ଲାରେ ୨୫୯ଟି ଆଦର୍ଶ ମତଦାନ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି ଯେଉଁ ଥିରେ ସଖୀ ମତଦାନ କେନ୍ଦ୍ର (୧୮୯), ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର (୧୬), ପରିବେଶ ଅନୁକୂଳ ମତଦାନ କେନ୍ଦ୍ର(୨୨), ଜାତିଗତ ମତଦାନ କେନ୍ଦ୍ର (୧୫), ଅନ୍ୟାନ୍ୟ ଥିମ୍ ଆଧାରିତ ମତଦାନ କେନ୍ଦ୍ର (୧୫) ସହିତ ଜିଲ୍ଲାରେ ସର୍ବମୋଟ ୮୮୯ଟି ମିଶ୍ରିତ ବୁଥ୍ ରହିଛି।

● ବସ୍ତା ନିର୍ବାଚନ ମଣ୍ଡଳୀ

## ୧୦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି

ବସ୍ତା ବ୍ଲକ, ୩୧।୫ (ସମିସ) : ଶେଷ ପର୍ଯ୍ୟାୟ ସଧାରଣ ନିର୍ବାଚନ ପାଇଁ ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀରେ ପ୍ରସ୍ତୁତି ଚୂଡ଼ାନ୍ତ ପରେ ସବୁ ବୁଥକୁ ପୁଲିଂ କର୍ମଚାରୀ ମାନେ ପହଞ୍ଚି ସାରିଥିବା ବସ୍ତା ବ୍ଲକ ନିର୍ବାଚନ ଅଧିକାରୀ ପକ୍ଷରୁ ସୂଚନା ମିଳିଛି । ଶନିବାର ବସ୍ତା ନିର୍ବାଚନ ମଣ୍ଡଳୀରେ ୧୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୪୫ ପଞ୍ଚାୟତର ୨ ଲକ୍ଷ ୪୫ ହଜାର ୬୨୭ ଜଣ ମତଦାତା । ଚଳିତ ନିର୍ବାଚନରେ ୧୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସୁବାସିନୀ ଜେନା ବିଜେଡିରୁ ପ୍ରାର୍ଥୀ ହୋଇ ଥିବା ବେଳେ ବିଜନ ନାୟକ କଂଗ୍ରେସ ରୁ ଓ ବିଜେପିରୁ ରବୀନ୍ଦ୍ର ଅଣ୍ଡିଆ ପ୍ରାର୍ଥୀ ହୋଇ ଛନ୍ତି । ଅନ୍ୟ ୭ ଜଣଙ୍କ ମଧ୍ୟରେ କାମିନୀ କାନ୍ତ ବେହେରା ( ଏନଏପି), ନାରାୟଣ ମାଝୀ (ବି ଏନ ଆର୍ ପି), ସ୍ୱାଧୀନ କୁମାର ଦାସ (ବି ବି ପି), ଜୟକୃଷ୍ଣ ରାଉତ (ସ୍ୱାଧୀନ), ଜୟନ୍ତୀ ଦାସ (ସ୍ୱାଧୀନ), ଜ୍ୟୋତ୍ସ୍ନା ମହାନ୍ତି (ସ୍ୱାଧୀନ), ଝରଣା ରାଣୀ ଜେନା (ସ୍ୱାଧୀନ) ଭାବେ ଲଢୁଛନ୍ତି । ପୂର୍ବରୁ ବସ୍ତା କୁ କଂଗ୍ରେସ ର ଗଡ଼ କୁହା ଯାଉଥିବା ବେଳେ ୧୯୯୦ରେ କଂଗ୍ରେସ ଗଡ଼କୁ ଭାଙ୍ଗି ଜନତା ଦଳ ରୁ ରଘୁନାଥ ମହାନ୍ତି ବିଜୟୀ ହୋଇଥିଲେ । ୧୯୯୦ ରୁ ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ ଏଠି ବିଜେଡି ତା'ର ଦୁର୍ଗକୁ ସୁରକ୍ଷିତ ରଖି ଆସିଛି । ୨୦୧୯ର ନିର୍ବାଚନ ର ସ୍ଥିତି ଦେଖିବାକୁ ଗଲେ ବସ୍ତାରୁ ୯ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ି ଥିଲେ । ମୋଟ ଭୋଟର ୨ ଲକ୍ଷ ୨୬ ହଜାର ୯୪୮ ଥିବା ବେଳେ ୧ ଲକ୍ଷ ୭୦ ହଜାର ୯୫୭ ଖଣ୍ଡ ମତଦାତା ସେମାନଙ୍କର ମତ ସାବ୍ୟସ୍ତ କରିଥିଲେ । ସେଥି ମଧ୍ୟରୁ ବିଜେଡି ର ନିତ୍ୟାନନ୍ଦ ସାହୁ ୭୧ ହଜାର ୭୩୭ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର ବିଜନ ନାୟକ ୫୯ ହାଜର ୮୭୩ ଖଣ୍ଡ ଭୋଟ ପାଇଥିଲେ । ବିଜେଡି ୧୧ ହଜାର ୫୦୦ ଖଣ୍ଡ ଭୋଟ ରେ ବିଜୟୀ ହୋଇ ଥିଲା । ସେହିପରି ବିଜେପିରୁ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ୩୬ ହଜାର ୮୭୩ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନନ୍ଦନ ପାଲ (ଏ ଆଇ ଟି ସି) ୬୪୨ ଖଣ୍ଡ, ମୃତ୍ୟୁଞ୍ଜୟ ଦେ ( ବି ଏସ ପି) ୩୦୯ ଖଣ୍ଡ, ସରୋଜ ରାଉଳ (ଆ ପ) ୨୫୮ ଖଣ୍ଡ, ଲକ୍ଷ୍ମୀଧର ଗିରି (ଏ ଆଇ ଏଫ୍ ବି) ୮୧ ଖଣ୍ଡ, ସଚିନ୍ଦ୍ର ଦାସ ( ସ୍ୱାଧୀନ)୨୮୨ ଖଣ୍ଡ, ଅଜୟ କୁମାର ନାୟକ ( ସ୍ୱାଧୀନ)୧୧୭ ଖଣ୍ଡ ଓ ନୋଟାରେ ୪୪୧ ଖଣ୍ଡ ଭୋଟ ପଡ଼ିଥିଲା ।

ନୀଳଗିରି ନିର୍ବାଚନ ମଣ୍ଡଳୀ

# ୨୧୯ ବୁଥ୍‌ରେ ମତଦାନ କରିବେ ୨.୧୬ ଲକ୍ଷ ଭୋଟର



ନୀଳଗିରି, ୩୧।୫(ସମିସ):

୨୦୨୪ ସାଧାରଣ ନିର୍ବାଚନରେ ଶନିବାର ଶେଷ ପର୍ଯ୍ୟାୟ ଭୋଟ ଗ୍ରହଣ ହେଉଛି । ନୀଳଗିରି ନିର୍ବାଚନ ମଣ୍ଡଳୀର ଔପଦା, ବାହାନଗା ଓ ନୀଳଗିରି ବ୍ଲକ ଏବଂ ନୀଳଗିରି ଏନଏସିରେ ସମୁଦାୟ ୨ଲକ୍ଷ ୧୬ ହଜାର ୬ଶହ ୨୦ରୁ ଉର୍ଦ୍ଧ ମତଦାତା ୨୧୯ ଟି ବୁଥ୍‌ରେ ମତଦାନ କରିବେ । ଏହି ପରିପ୍ରେକ୍ଷୀରେ ଗତ ୩୧ତାରିଖ ଦିନ ସକାଳେ ନୀଳଗିରି କଲେଜ ପରିସରରେ ସବୁ ପୁଲିଂ ପାର୍ଟି ମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ବ୍ୟବହୃତ ସାମଗ୍ରୀ ସକାଳ ୬ ଘଟିକାରେ ବିତରଣ କରାଯାଇଥିଲା ।

● ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ଏହି ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ, ଅବାଧ ଓ ଶୃଙ୍ଖଳିତ ଭାବେ ସମ୍ପାଦନ ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ବାହିନୀ ପକ୍ଷରୁ ୨୧୯ ଟି ବୁଥ ପାଇଁ ୧୮ ଟି ମୋବାଇଲ୍ ପାର୍ଟି ମୁତୟନ ରହିଥିବା ବେଳେ ସେଥିରେ ଜଣେ ଜଣେ ଅଫିସର ଦାୟିତ୍ୱ ରେ ଅଛନ୍ତି । କିଛି ଷ୍ଟ୍ରାଇକିଙ୍ଗ ଫୋର୍ସ ମହଜୁଦ ରହିଥିବା ସ୍ଥଳେ ଆବଶ୍ୟକ ମୁତାବକ ମୁତୟନ କରାଯିବ । ମୋବାଇଲ ପାର୍ଟିରେ ୪ ଲେଖାଏଁ ଫୋର୍ସ, ଦି କମ୍ପାନୀ ସେଣ୍ଟ୍ରାଲ ଆର୍ମ ପୋଲିସ ଫୋର୍ସ (ସିଏପିଏଫ) ଏଥିରେ ଜାଗ୍ରତ ପ୍ରହରୀ ହିସାବରେ ରହିଛନ୍ତି । ଏହି ନିର୍ବାଚନ ପ୍ରକ୍ରିୟା ରେ ନିର୍ବାଚନ ଅଧିକାରୀଙ୍କ ସହିତ ଚାରି ଜଣ ନିର୍ବାଚନ ଅଧିକାରୀ ସହଯୋଗ କରୁଛନ୍ତି । ନୀଳଗିରି ନିର୍ବାଚନ ମଣ୍ଡଳୀର ୪୨ଗୋଟି ମଡେଲ ବୁଥ କରାଯାଇ ମହିଳା ମାନଙ୍କ ଉଦ୍ଦେଶ୍ୟରେ କେବଳ ମହିଳା ପ୍ରିଜାଇଡିଂ, ପୋଲିଙ୍ଗ ଅଫିସରଙ୍କୁ ନେଇ ୨୪ଟି ସଖୀ ବୁଥ ଏବଂ ୧୦୭ଟି ୪/୩, ୩/୪ ଉଭୟ ମହିଳା, ପୁରୁଷ ପ୍ରିଜାଇଡିଂ, ପୋଲିଙ୍ଗ ଅଫିସରଙ୍କୁ ନେଇ କରାଯାଇଛି । ନିର୍ବାଚନ ରେ ୩୬ ମାଇକ୍ରୋ ଅବଜର୍ଭର ରହି ୨୪ସେକ୍ଟର ଅଫିସରଙ୍କୁ କଣ୍ଟ୍ରୋଲ କବିବେ, ଏବଂ ଏହି ୨୪ ସେକ୍ଟର ଅଫିସର ୧୫ଶହ ପୁଲିଂ ଅଫିସରଙ୍କୁ ମନିଟରିଙ୍ଗ କରିବେ । ଆଦର୍ଶ ଆଚରଣ ବିଧିକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ପୋଲିସର ଗୁରୁ ଦାୟିତ୍ୱ, ଜନ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସଂସ୍ଥା, ପାନୀୟ ଜଳ ବ୍ୟବସ୍ଥାକୁ ଦୃଢ଼ୀ କରଣ କରିବା, ଅଗ୍ନିଶମ ସେବା ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଉପ କୋଷାଗାର ବିଭାଗ ନିର୍ବାଚନ ସମ୍ପର୍କିତ, ଷ୍ଟ୍ରଙ୍ଗ ରୁମ, ସୁରକ୍ଷା, ନିରାପତ୍ତା ପ୍ରମାଣ ପତ୍ର ଉପରେ ଗୁରୁତ୍ୱ ଦେବା, ଉପଖଣ୍ଡ ଚିକିତ୍ସାଳୟ ଦ୍ୱାରା ଉଭୟ ଆଦାନ, ପ୍ରଦାନ ଏବଂ ଭୋଟ ଗଣତି କେନ୍ଦ୍ର ଠାରେ ଆବଶ୍ୟକ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରିବା, ଗୋଷ୍ଠୀ ଶିକ୍ଷାଧିକାରୀ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ବୁଥ ପାଇଁ ଆବଶ୍ୟକ ବ୍ୟବସ୍ଥାକୁ ଧ୍ୟାନ ଦେବା, ସିଡିପିଓ ମାନେ ଅଙ୍ଗନୱାଡି କର୍ମୀଙ୍କୁ ସହଯୋଗ ନିମନ୍ତେ ଦାୟିତ୍ୱ ନ୍ୟସ୍ତ କରିବା ସହିତ କୃଷି ଓ ଉଦ୍ୟାନ ବିଭାଗର କର୍ମକର୍ତ୍ତାଙ୍କୁ ଆବଶ୍ୟକ ସ୍ଥଳେ ଯେ କୌଣସି ସମୟରେ ତାଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇ ପାରେ ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି ।

● ଜଳେଶ୍ୱର ବିଧାନସଭା ଆସନ

## ୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୫୪ ଲକ୍ଷ ଭୋଟର

ଜଳେଶ୍ୱର ବ୍ଲକ, ୩୧।୫ (ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ୪ ଭାଗରେ ବିଭକ୍ତ ଅଟେ । ଜଳେଶ୍ୱରରେ ୨୧ ଗ୍ରାମ ପଞ୍ଚାୟତ, ରାଇବଣିଆର ୧୪ ଗ୍ରାମ ପଞ୍ଚାୟତ, ଅବିଭକ୍ତ ବସ୍ତା ବ୍ଲକର ୧୪ ଗ୍ରାମ ପଞ୍ଚାୟତ ଓ ଜଳେଶ୍ୱର ମ୍ୟୁନିସପାଲିଟି ର ୧୭ ୱାର୍ଡର ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୫୪ ହଜାର ୩୪୬ ଜଣ ଭୋଟର ଅଛନ୍ତି । ସେଥି ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧ ଲକ୍ଷ ୨୯ ହଜାର ୪୫୪ ଜଣ, ମହିଳା ଭୋଟର ୧ ଲକ୍ଷ ୨୪ ହଜାର ୮୭୨ ଜଣ ଓ ସମଲିଙ୍ଗୀ ଭୋଟରଙ୍କ ସଂଖ୍ୟା ୨୦ ଥିବା ବେଳେ ୮ ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଜଳେଶ୍ୱରର ଭୋଟର ମାନେ । ପ୍ରାର୍ଥୀ ମାନେ ହେଲେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ, ଭାରତୀୟ ଜାତୀୟ କଂଗ୍ରେସ ଦଳର ପ୍ରାର୍ଥୀ ସୁଦର୍ଶନ ଦାସ, ବିଜୁ ଜନତା ଦଳର ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର, ନବ ନିର୍ମାଣ ସେବା ପାର୍ଟିର ପ୍ରାର୍ଥୀ ହେମନ୍ତ କୁମାର ସାହୁ, ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ପାର୍ଟିର ପ୍ରାର୍ଥୀ ପ୍ରଦୀପ କୁମାର ସିଂ ଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିବ୍ୟକାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସିଂ ଓ ରମାକାନ୍ତ ଜେନା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି । ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ମୋଟ ବୁଥ ସଂଖ୍ୟା ୨୫୪ ଥିବା ବେଳେ ୧୫ ସଖୀ ବୁଥ, ୨ଟି ବୁଥ ଯୁବ ଗୋଷ୍ଠୀଙ୍କ ଦ୍ୱାରା ଓଲମରା ସରକାରୀ ଉଚ୍ଚ ବିଦ୍ୟାଳୟର ଓ ମାଗୁଣିଆ ପଡ଼ା ପ୍ରାଥମିକ ବିଦ୍ୟାଳୟରେ ପରିଚାଳିତ ହେବ, ସେହିଭଳି ଭିନ୍ନକ୍ଷମ ପରିଚାଳିତ ୧ ଟି ବୁଥ ୧ ବିଶେଶ୍ୱର ସରକାରୀ ଉ:ପ୍ରା ବିଦ୍ୟାଳୟରେ ହେବ ବୋଲି ଜଣା ପଡ଼ିଛି । ଏହା ଛଡ଼ା ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୨୫୪ ବୁଥ ମଧ୍ୟରୁ ୪୦ ଟି ବୁଥ ଉତ୍ତେଜନାପୂର୍ଣ୍ଣ ବୁଥ ଚିହ୍ନଟ ହୋଇଥିବା ବେଳେ ଯଥେଷ୍ଟ ପୁଲିସ ନିଯୁକ୍ତ କରାଯାଇଛି । ଜଳେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ନିଆଯାଇଛି । ଯେପରି ନିର୍ବାଚନ ରେ କୌଣସି ପ୍ରକାର ଅଘଟଣ ନ ଘଟେ ସେଥିପାଇଁ ପୁଲିସ ପକ୍ଷରୁ କଡ଼ାକଡ଼ି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଏସଡିପିଓ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି । ଆଜି ସନ୍ଧ୍ୟା ସୁଦ୍ଧା ୨୫୪ ଯାକ ସମସ୍ତ ବୁଥରେ ପୋଲିଂ ପାର୍ଟି ପହଞ୍ଚିବା ସହ ସୁରକ୍ଷା ପାଇଁ ସମସ୍ତ ବୁଥ୍‌ରେ ମୁତୟନ କରା ଯାଇଛି । ତା ଛଡ଼ା ପୁଲିସ ମୋବାଇଲ ପାର୍ଟି ସମସ୍ତ ବୁଥ୍‌କୁ ଯାଇ ତଦାରଖ କରୁଛନ୍ତି ।

ଭୋଟ ପାଇଁ ପୁଲିଂ ପାର୍ଟି ବୁଥ୍‌ରେ ପହଞ୍ଚିଲେ

## ସେବା ବିତରଣ ପ୍ରକ୍ରିୟାକୁ ସରଳ କରୁଛି ଟିପିଏନ୍‌ଓଡିଏଲ୍




ବାଲେଶ୍ୱର, ୩୧।୫(ସମିସ): ଉପଭୋକ୍ତାମାନଙ୍କ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ଓ ସେମାନଙ୍କ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଗୁରୁତ୍ୱ ଦେଉଛି ଟିପିଏନଓଡିଏଲ । ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ ପାଇଁ ୨୪ଘଣ୍ଟିଆ ଦେୟ ମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦୩୪୫୬୭୧୮/ ୧୯୧୨ ସୁବିଧା କରାଯିବା ସହ ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ ଖୋଲିଛି । ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନଓଡିଏଲର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଖୋଲିଛି । ଏହି କେନ୍ଦ୍ରଗୁଡ଼ିକରେ ଉପଭୋକ୍ତା ବିଦ୍ୟୁତ ସେବା ସମ୍ପର୍କିତ ନିଜର ଦ୍ୱନ୍ଦ୍ୱ ଦୂର କରିବା, ସମସ୍ୟାର ସମାଧାନ କରିବା ସହିତ ବିଲ ପଇଠ ମଧ କରିପାରିବେ । ଗ୍ରାହକ ସେବା କେନ୍ଦ୍ର ଓ ଅନୁଭବ କେନ୍ଦ୍ରଗୁଡ଼ିକ ଛୁଟିଦିନ ବ୍ୟତୀତ ପ୍ରତିଦିନ ସକାଳ ୯.୩୦ ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଖୋଲା ରହୁଥିବା ବେଳେ ସମସ୍ତ ସେକ୍ସନ, ସବ-ଡିଭିଜନ୍ ଓ ଡିଭିଜନ ଅଫିସରେ ମଧ ଉପଭୋକ୍ତା ନିଜର ଅଭିଯୋଗ ଦାଖଲ କରିବାର ସୁଯୋଗ ପାଉଛନ୍ତି । ସେହିପରି ସଠିକ ଏବଂ ସ୍ୱଚ୍ଛ ବିଦ୍ୟୁତ୍ ବିଲ୍ ପ୍ରଦାନ କରିବା ଉପରେ ଟିପିଏନଓଡିଏଲ ଗୁରୁତ୍ୱ ଦେଉଛି । ଯାହାକି ଉପଭୋକ୍ତାଙ୍କ ବୁଝିବା ପାଇଁ ସହଜ ଓ କୌଣସି ଅସଙ୍ଗତି ଥିଲେ ସଂଶୋଧନ କରିବା ପ୍ରକ୍ରିୟା ମଧ ସହଜ ଅଟେ । ବିଦ୍ୟୁତ ବିଲ ପଇଠ ପ୍ରକ୍ରିୟାକୁ ସହଜ କରିବା ପାଇଁ ଟିପିଏନଓଡିଏଲର ସମସ୍ତ ଡିଜିଟାଲ ପଦ୍ଧତି ଜରିଆରେ ବିଲ ଗ୍ରହଣ କରୁଥିବାବେଳେ ସ୍ୱାଇସ ମନି କେନ୍ଦ୍ର, ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ, ଏସବିଆଇ କଷ୍ଟମର ଟଚ ପଏଣ୍ଟ ଭଳି ବିଭିନ୍ନ ତୃତୀୟ ପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ ପାଇଁ ସୁବିଧା ଉପଲବ୍ଧ କରିଛି । ସେହିଭଳି ବିଜୁଳି ସେବା ସମ୍ବନ୍ଧିତ ସମସ୍ତ ସହାୟତା ପାଇଁ 'ମାଇଁ ଟାଟା ପାୱାର ଆପ'କୁ ବ୍ୟବହାର କରିବାକୁ ଟିପିଏନଓଡିଏଲ ନିଜର ଉପଭୋକ୍ତାମାନଙ୍କୁ ପରାମର୍ଶ ଦେଇଛି ।

## ଜଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ବୈଠକ



ଜଳେଶ୍ୱର ବ୍ଲକ, ୩୧।୫ (ସମିସ) : ଆଜି ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟିର ଏକ ବୈଠକ ଡ. ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ନୂଆ ବଜାରସ୍ଥିତ ଭଞ୍ଜଶ୍ରୀ ଭବନରେ ଅନୁଷ୍ଠିତ ହୋଇଛି । ପ୍ରଥମତଃ ଯଦିଓ ନୂଆ ବଜାର ରେଳ ଓଭର ବ୍ରିଜ ମଞ୍ଚର ଆନ୍ଦୋଳନର ଫଳ ସ୍ୱରୂପ, ବିଳମ୍ବ ସତ୍ତ୍ୱେ ଯାତାୟାତ ନିମନ୍ତେ ଲୋକାର୍ପିତ ହୋଇଛି ମାତ୍ର ପୋଲ ଉପରେ ଏଯାବତ ଆଲୋକର ବିହିତ ବ୍ୟବସ୍ଥା କରାଯାଇ ନ ଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇ ଥିଲା । ତେଣୁ ଯଥାଶୀଘ୍ର ପୋଲ ଉପରେ ଆଲୋକର ବ୍ୟବସ୍ଥା କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରିବା ପାଇଁ ବୈଠକରେ ସ୍ଥିରୀକୃତ ହେଲା । ଦ୍ୱିତୀୟତଃ ଜଳେଶ୍ୱର ବଜାର ମଧ୍ୟରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଦିନ ବେଳା ବଜାର ମଧ୍ୟରେ ରାସ୍ତା କଡ଼ରେ କିଛି ଯାନବାହାନ ଦୀର୍ଘ ସମୟ ଧରି ଛିଡା ହେବା ତଥା ରାସ୍ତା ଉପରେ କିଛି ମାଲବାହୀ ଟ୍ରକ ଛିଡା ହୋଇ ମାଲ ଖଲାସ ଓ ବୋଝେଇ କରିବା ଯୋଗୁଁ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି ।ତେଣୁ ଏହାର ବିହିତ ପ୍ରତିକାର ନିମନ୍ତେ ବୈଠକରେ ଆଲୋଚନା କରାଯାଇ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଇବାର ନିଷ୍ପତ୍ତି ଗ୍ରହଣ କରାଗଲା । ତୃତୀୟତଃ ଶନିବାର ଲୋକସଭା ଓ ବିଧାନ ସଭା ପାଇଁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ତେଣୁ ଗଣତନ୍ତ୍ର ବିଧି ବ୍ୟବସ୍ଥାର ଏହି ମହାନ ପର୍ବରେ ସମସ୍ତ ସଚେତନଶୀଳ ନାଗରିକ ଅଂଶଗ୍ରହଣ ପୂର୍ବକ ନିଜର ମହା ମୂଲ୍ୟ ଭୋଟ ପ୍ରଦାନ କରିବା ସହ ଏକ ବିକାଶଶୀଳ ଦେଶକୁ ଗଢିବା ପାଇଁ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବିନମ୍ର ନିବେଦନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ଡ. ଲଳିତ ରଞ୍ଜନ ସେନାପତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ଯୁଗ୍ମ ସମ୍ପାଦିକା ଅପର୍ଣ୍ଣା ଚୌଧୁରୀ, କୋଷାଧକ୍ଷ ସିଦ୍ଧେଶ୍ୱର ତ୍ରିପାଠୀ, ବରିଷ୍ଠ ସଦସ୍ୟ ଶ୍ୟାମା ଚରଣ ଦାସ, କପିଳେଶ୍ୱର ମହାନ୍ତି, ସୁବ୍ରତ ବେରା, ଅବଦୁଲ ସମ୍ମତ ଖାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପେଟ ପାଇଁ ବୃଦ୍ଧ ଦମ୍ପତି ହନ୍ତସନ୍ତ

ବାଲେଶ୍ୱର, ୩୧।୫(ସମିସ):

ପେଟକୁ ଦୁଇ ଓଳି ଦୁଇ ମୁଠା ଦାନା ପାଇଁ କିଏ ଅବା କଣ ନ କରନ୍ତି । କିଏ ପରିବାର ପୋଷିବା ପାଇଁ ଘର ଛାଡି ଆସି ବାହାରେ ଦାଦନ ଖଟୁଛି ତ । କିଏ ପୁଣି ବୃଦ୍ଧା ବୟସରେ ପୁଅବୋହୂ ଉପରେ ବୋଝ ନ ହେବା ପାଇଁ ଘର ଛାଡି ଆସି ବାହାରେ ରହୁଛନ୍ତି । ଏହି ଭଳି ଯନ୍ତ୍ରଣାରୁ ବାଦ ପଡ଼ିନାହାନ୍ତି ବାଲେଶ୍ୱରର ଫାଣ୍ଡି ଛକ ରେ ରହୁଥିବା ଜଣେ ମହିଳା ହେଉଛନ୍ତି ସାବିତ୍ରୀ ବେହେରା । ବୟସ ୬୦ ପାର କଲାଣି । ସାବିତ୍ରୀ କୁହନ୍ତି ୭ ବର୍ଷ ହୋଇଯିବ ଗାଁ ଛାଡି ଆସି ବାଲେଶ୍ୱର ସହଦେବଖୁଣ୍ଟା ଥାନା ସମ୍ମୁଖରେ କାହା ବାଡ଼ି ରୁ ଆମ୍ବ, ତ କେବେ ଅମୃତଭଣ୍ଡା, ନଡ଼ିଆ, ଲେମ୍ବୁ ଆଣି ବିକ୍ରି କରୁଛି । ବାର ମାସର ଛଅ ଋତୁ ଅନୁଯାୟୀ ବାଡ଼ି ଘରେ ମିଳୁଥିବା ବାଡ଼ି ଫଳ ସହ ଆଉ କିଛି କମ ଟଙ୍କାରେ ମିଳୁଥିବା କିଣା ଫଳ ଆଣି ବିକ୍ରି କରୁଛି । ସେଥିରୁ ଯାହା ରୋଜଗାର ହୁଏ ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ ଚଳୁଛୁ । ସାବିତ୍ରୀ କୁହନ୍ତି ସକାଳୁ ବୁଢ଼ା ବିକ୍ରି କରି ଘରକୁ ଦ୍ୱିପହରେ ଖାଇବାକୁ ଗଲେ ମୁଁ ଆସି ବେପାର ସମ୍ଭାଳେ । ଦୈନିକ ସେଥିରୁ ଯାହା ବିକ୍ରି ହୁଏ କେଉଁ ଦିନ ୧୦୦ ଟଙ୍କାର ବିକ୍ରି ହୁଏ ତ ଆଉ କେଉଁ ଦିନ ୨୦୦ ଟଙ୍କା ରେ ବିକ୍ରି ହେଉଛି ବୋଲି କୁହନ୍ତି ସାବିତ୍ରୀ । କେବେ କେବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ପାଇଁ ଗ୍ରାହକ ମାନେ ଏହି ବାଡ଼ି ଫଳ କିଣିବା ପାଇଁ ପାଖକୁ ମଧ ଆସୁନାହାନ୍ତି । ସେହି ଦିନ ବେପାର ନ ହେବାରୁ ପୁଣି ସେହି ଫଳ ଟିକେକୁ ବାନ୍ଧି ନିରାଶ ହୋଇ ଘରକୁ ଚାଲି ଯାଉଛୁ ସ୍ୱାମୀ ସ୍ତ୍ରୀ । ସାବିତ୍ରୀ କୁହନ୍ତି ତାଙ୍କର ୨ ପୁଅ ଗୋଟେ ଝିଅ । ୨ ପୁଅ ଏବେ ଗାଁରେ ରହୁଛନ୍ତି । କିନ୍ତୁ ଆମେ ବାପ ମାଆ ଆସି ପେଟ ପୋଷିବା ପାଇଁ ବାହାରେ ପଡ଼ିଛୁ । ଦୁଇ ପୁଅର ବାହାଘର ପରେ ଘରକୁ ବୋହୂ ଆସିଲା । ବୋହୂ ଆସିବା ପରେ ବଡ଼ କଷ୍ଟ ହେଲା ଘରେ ଚଳିବା । ଏହା ଛଡା ଅନେକ ଅଶାନ୍ତି ଭିତରେ ଘରେ ରହିବା ସମ୍ଭବ ପର ହୋଇ ପାରିଲା ନାହିଁ । ସେହି କାରଣରୁ ଉଭୟ ସ୍ୱାମୀ ସ୍ତ୍ରୀ ଆସି ବାଲେଶ୍ୱରରେ ଫଳ ବିକ୍ରି କରି ଚଳୁଛୁ । ଦିନରେ ଯେଉଁ ୧୫୦ ଟଙ୍କା ରୁ ୨୦୦ ଟଙ୍କା ରୋଜଗାର ହୁଏ ସେଥିରୁ ପୁଣି ପ୍ରତି ଦିନ ୧୦୦ ଟଙ୍କା ଲେଖାଏଁ ରଖିବାକୁ ପଡୁଛି ଘର ଭଡା ଦେବା ପାଇଁ । ସାବିତ୍ରୀ କୁହନ୍ତି କି ଏହି ୨ ମାସ ହୋଇଯିବ ଘର ମାଲିକ ଦୟାବଶତଃ ହୋଇ ଘର ଭଡା ୧୫୦୦ ଟଙ୍କାରୁ ୧୨୦୦ ଟଙ୍କାକୁ କମ କରିଦେଇଛନ୍ତି । ଖରା ଦିନ ପାଇଁ ଦେଶୀ ଆମ୍ବ, ବେଲ, ଅମୃତ ଭଣ୍ଡା, ଲେମ୍ବୁ, ନଡ଼ିଆ, ଖଜିର କୋଳି, ବଇଞ୍ଚ କୋଳି ଆଣି ବିକ୍ରି କରୁଛନ୍ତି । ବଇଞ୍ଚ କୋଳି ପୁଟୁଳାକ ୧୦ ଟଙ୍କା ଖଜିର କୋଳି ପୁଟୁଳାକ ବି ଦଶ ଟଙ୍କା, ବେଲ ଗୋଟି ୫୦ ଟଙ୍କା, ଅମୃତଭଣ୍ଡା କିଲୋ ୫୦ ଟଙ୍କାରେ ବିକ୍ରି ହେଉଛି । ଜଣେ ଅଟୋ ଚାଳକ ସାବିତ୍ରୀଙ୍କ କଥା କୁହନ୍ତି କି ଅନେକ ସମୟ ରେ ଅଟୋରେ ଯାଉଥିବା ଯାତ୍ରୀ ନିଜର ବ୍ୟାଗ ଅନ୍ୟାନ୍ୟ ଜିନିଷ ଅଜାଣତରେ ଅଟୋ ରେ ଛାଡି ଦେଇଚାଲିଯାନ୍ତି ଅଟୋ ବାଲା ଆଣି ସେହି ବ୍ୟାଗ ସାବିତ୍ରୀ ଙ୍କ ପାଖରେ ରଖି ଦେଇଯାଉ । ସାବିତ୍ରୀ ସେହିପରି ସେହି ବ୍ୟାଗକୁ ଦାୟିତ୍ୱରେ ନିଜ ପାଖରେ ରଖିଥାନ୍ତି । ପୁଣି ଯିଏ ଆସି ଖୋଜେ ତାଙ୍କୁ ଦିଅନ୍ତି ।



## ଦଳକୁ ଫେରିଲେ ସମୀର



ରାଜଘାଟ, ୩୧।୫ (ସମିସ): ବସ୍ତା ବ୍ଲକ ନଟାକଟା ପଞ୍ଚାୟତର ଜଣେ ଦକ୍ଷ ସଂଗଠକ ତଥା ଜଳେଶ୍ୱର ବିଜୁ ଜନତା ଦଳର ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ସମୀର କୁମାର ଚାନ୍ଦ ଗତକାଲି ଇସ୍ତଫା ଦେଇ ଆଜି ପୁଣି ସେହି ଦଳରେ ମିଶିଛନ୍ତି । ଶ୍ରୀ ଚାନ୍ଦ ଦୀର୍ଘ କୋଡ଼ିଏ ବର୍ଷ ଧରି ବିଜେଡିରେ ଯୁବ ବାହିନୀ ଦାୟିତ୍ୱ ଭାର ସମ୍ଭାଳିବା ସହିତ ନଟାକଟା ପଞ୍ଚାୟତର ଜଣେ ଭଲ ସଂଗଠକ ଭାବରେ କାର୍ଯ୍ୟ କରିଥିଲେ । ଗତ ଗୁରୁବାର ନିଜର କିଛି ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ଦଳରୁ ଇସ୍ତଫା ନେଇ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହିତ ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟଙ୍କ ନିକଟକୁ ପତ୍ର ଲେଖିଥିବା ଜଣାଇଥିଲେ । ତେବେ ଆଜି ନଟାକଟା ପଞ୍ଚାୟତର ସରପଞ୍ଚ ବନ୍ଦନା ସେଠୀ, ପଞ୍ଚାୟତ ସଭାପତି ପ୍ରଦୀପ ବେହେରା, ପୂର୍ବତନ ଜିଲ୍ଲାପରିଷଦ ଶମ୍ଭୁନାଥ ସେଠୀ ପ୍ରମୁଖ ତାଙ୍କ ଘରକୁ ଯାଇ ବୁଝାସୁଝା କରିବା ପରେ ପୁଣି ଆଜି ସେହି ଦଳରେ ସାମିଲ ହୋଇଛନ୍ତି ।

## ନିର୍ବାଚନ ପାଇଁ ପୁଲିସର ସଜବାଜ



ଚୌକି, ୩୧।୫ (ସମିସ) : ଭୋଗରାଇ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପାଇଁ ପୁଲିସର କଡ଼ା ସୁରକ୍ଷା ପାଇଁ ସଜବାଜ ଦେଖିବାକୁ ମିଳିଛି । ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶହ ଶହ ପୁଲିସ କର୍ମଚାରୀ ରାଜ୍ୟ ଓ ରାଜ୍ୟ ବାହାରରୁ ଆସି ଭୋଗରାଇରେ ଥିବା ୨୫୩ଟି ବୁଥ୍ ପାଇଁ ମୁତୟନ କରାଯାଇଛି । ଏଥିରେ ୧୦ ଟି ବୁଥ୍ ସମ୍ବେଦନଶୀଳ ବୋଲି ଜଣାପଡ଼ିଛି । ଭୋଗରାଇରୁ ପଶ୍ଚିମବଙ୍ଗକୁ ଲାଗିଥିବା ରାସ୍ତାରେ ମଧ୍ୟ ପୁଲିସ ମୁତୟନ କରାଯାଇଛି ।

**ଆଜି ଭଦ୍ରକ ଲୋକସଭା ଓ ୫ ବିଧାନସଭା ଆସନରେ ହେବ ଭୋଟ**

# ୫୪ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୨.୮୬ ଲକ୍ଷ ଭୋଟର

- ଭଦ୍ରକ ବିଧାନସଭା ଆସନରେ ସର୍ବାଧିକ ୨, ୭୩, ୯୧୩ ଭୋଟର
- ୧୩୧୨ ବୁଥରେ ହେବ ମତଦାନ

ଭଦ୍ରକ, ୩୧।୫(ସମିସ): ଶନିବାର ଶେଷ ପର୍ଯ୍ୟାୟ ନିର୍ବାଚନରେ ଭଦ୍ରକ ଜିଲ୍ଲାର ଏକମାତ୍ର ଲୋକସଭା ଆସନ ଓ ୫ଗୋଟି ବିଧାନସଭା ଆସନରେ ହେବ ନିର୍ବାଚନ। ଜିଲ୍ଲାର ୫ଗୋଟି ବିଧାନସଭା ଆସନରେ ୧୨ଲକ୍ଷ ୮୬ହଜାର ୩୭୭ଭୋଟର ସେମାନଙ୍କ ମତଦାନ କରିବେ। ପ୍ରକାଶ ପାଇଥିବା ଚୂଡାନ୍ତ ଭୋଟର ତାଲିକାନୁଯାୟୀ, ଜିଲ୍ଲାର ୫ ବିଧାନସଭା ଆସନରେ ମୋଟ ୬, ୬୨, ୮୦୫ ପୁରୁଷ ଭୋଟର ଓ ୬, ୨୩, ୪୦୩ ମହିଳା ଭୋଟର ମତଦାନ କରିବେ। ମୋଟ ମତଦାତାଙ୍କ ମଧ୍ୟରେ ୧୬୯ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ସେହିଭଳି ୫ଟି ବିଧାନସଭା ଆସନ ମଧ୍ୟରୁ ଭଦ୍ରକ ବିଧାନସଭା ଆସନରେ ସର୍ବାଧିକ ୨ଲକ୍ଷ ୭୩ହଜାର ୯୧୩ ଭୋଟର ସେମାନଙ୍କ ମତଦାନ କରିବାକୁ ଥିବା ବେଳେ ଭଣ୍ଡାରିପୋଖରୀ ବିଧାନସଭା ଆସନରେ ୨ଲକ୍ଷ ୪୦ହଜାର ୧୩୩, ବାସୁଦେବପୁର ବିଧାନସଭା ଆସନରେ ୨ଲକ୍ଷ ୭୨ହଜାର ୧୨୯, ଧାମନଗର ବିଧାନସଭା ଆସନରେ ୨ଲକ୍ଷ ୪୭ହଜାର ୧୯୬ଭୋଟର ଥିବା ବେଳେ ଚାନ୍ଦବାଲି ବିଧାନସଭା ଆସନରେ ୨ଲକ୍ଷ ୫୩ ହଜାର ୬ଜଣ ଭୋଟର ସେମାନଙ୍କ ମତଦାନ କରିବେ। ସେହିଭଳି ଭଦ୍ରକ ସଂସଦୀୟ କ୍ଷେତ୍ର ଓ ୫ଟି ବିଧାନସଭା ଆସନରେ ମୋଟ ୫୪ଜଣ ଦଳୀୟ, ନିର୍ଦ୍ଦଳୀୟ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ପ୍ରାର୍ଥୀମାନେ ହେଲେ ଭଦ୍ରକ ଲୋକସଭା ଆସନ ପାଇଁ ଅର୍ଜୁନ ଚରଣ ମଳିକ (ବିଏସ୍‌ପି), ଅନନ୍ତ ପ୍ରସାଦ ସେଠୀ (ଭାରତୀୟ ଜାତୀୟ କଂଗ୍ରେସ), ଅଭିମନ୍ୟୁ ସେଠୀ (ବିଜେପି), ମଞ୍ଜୁଲତା ମଣ୍ଡଳ (ବିଜେଡି), ଅଞ୍ଜନ ଦାସ (ଆମ୍ବେଦକରବାଦୀ ପାର୍ଟି ଅଫ୍ ଇଣ୍ଡିଆ), କୀର୍ତ୍ତନ ବିହାରୀ ମଳିକ (ସୋସିଆଲିଷ୍ଟ ୟୁନିଟ ସେଣ୍ଟର ଅଫ୍ ଇଣ୍ଡିଆ), ସ୍ୱାଧୀନ ପ୍ରାର୍ଥୀ ବସନ୍ତ କୁମାର ମହାଳିକ, ସର୍ବେଶ୍ୱର ବେହେରା ଓ ଲକ୍ଷ୍ମୀକାନ୍ତ ମଳିକ ଅଛନ୍ତି। ସେହିପରି ଭଣ୍ଡାରିପୋଖରୀ ବିଧାନସଭା ଆସନରେ ଦେବାଶିଷ ପାଣିଗ୍ରାହୀ (ଆମ ଆଦମୀ ପାର୍ଟି), ନିରଞ୍ଜନ ପଟ୍ଟନାୟକ (ଜାତୀୟ କଂଗ୍ରେସ), ମନୋଜ କୁମାର ଜେନା (ବହୁଜନ ସମାଜ ପାର୍ଟି), ସୁଧାଂଶୁଶେଖର ନାୟକ (ବିଜେପି), ସଞ୍ଜୀବ କୁମାର ମଲ୍ଲିକ (ବିଜେଡି), ଦିଗମ୍ବର ସ୍ୱାଇଁ (ଏସ୍‌ୟୁସିଆଇସି), ହରିହର ସାହୁ (ନ୍ୟାସନାଲ ଆପନା ପାର୍ଟି), ନିରୁପମା ଦାସ (କୃପା), ବିଜୟ କୁମାର ମଲ୍ଲିକ (ଓଡ଼ିଶା ଜନତା ପାର୍ଟି), ସ୍ୱାଧୀନ ପ୍ରାର୍ଥୀ ଉତ୍କଳ କେଶରୀ ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା, ସତ୍ୟରଞ୍ଜନ ନାୟକ, ସନ୍ତୋଷ କୁମାର ପେରେଇ ଅଛନ୍ତି। ଭଦ୍ରକ ବିଧାନସଭା ଆସନରେ ଅସିତ ପଟ୍ଟନାୟକ ( କଂଗ୍ରେସ), ପ୍ରଫୁଲ୍ଲ ସାମଲ (ବିଜେଡି), ରାଜେନ୍ଦ୍ର ଲେଙ୍କା (ବହୁଜନ ସମାଜପାର୍ଟି), ସୀତାଂଶୁ ଶେଖର ମହାପାତ୍ର(ବିଜେପି), ସ୍ୱାଧୀନ ଭାବେ ମହେନ୍ଦ୍ର ତିଆଡି, ରାଜେନ୍ଦ୍ର ସାହୁ, ସୋନମ ବିବି, ଚିତ୍ତରଞ୍ଜନ ସିଂହ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବାସୁଦେବପୁର ବିଧାନସଭା ଆସନରେ ଅଶୋକ କୁମାର ଦାସ (କଂଗ୍ରେସ), ବାଣୀକଲ୍ୟାଣ ମହାନ୍ତି (ବିଜେପି), ବିଷ୍ଣୁବ୍ରତ ରାଉତରାୟ (ବିଜେଡି), ଭାଗବତ ମଳିକ (ବହୁଜନ ସମାଜପାର୍ଟି), ସ୍ୱାଧୀନ ଭାବେ ବିରେନ୍ଦ୍ର ଶିଅଳ, ମାନସ ରଞ୍ଜନ ଜେନା ଓ ଲକ୍ଷ୍ମୀକାନ୍ତ ପରିଡ଼ା ଅଛନ୍ତି। ଧାମନଗର ସଂରକ୍ଷିତ ବିଧାନସଭା ଆସନରେ ଦୁର୍ଯ୍ୟୋଧନ ମଳିକ (ବହୁଜନ ସମାଜପାର୍ଟି), ରଞ୍ଜନ କୁମାର ବେହେରା (କଂଗ୍ରେସ), ଡାକ୍ତର ସଞ୍ଜୟ କୁମାର ଦାସ (ବିଜେଡି), ସୂର୍ଯ୍ୟବଂଶୀ ସୂରଜ (ବିଜେପି), ସ୍ୱାଧୀନ ଭାବେ ଜଗନ୍ନାଥ ମଳିକ, ପ୍ରସନ୍ନ କୁମାର ଦାସ, ସଞ୍ଜୟ କୁମାର ଦାସ ଓ ସରୋଜ କୁମାର ସେଠୀ ଥିବା ବେଳେ ଚାନ୍ଦବାଲି ବିଧାନସଭା ଆସନରେ ଅମୀୟ କୁମାର ମହାପାତ୍ର (କଂଗ୍ରେସ), ବ୍ୟୋମକେଶ ରାୟ (ବିଜେଡି), ମନମୋହନ ସାମଲ (ବିଜେପି), ଶୈଳକୁମାର ଦାସ (ବହୁଜନ ସମାଜପାର୍ଟି), ଜିତେନ୍ଦ୍ର ନାୟକ (ଆମ୍ବେଦକରବାଦୀ ପାର୍ଟି ଅଫ ଇଣ୍ଡିଆ), ବିଧାନ ଚନ୍ଦ୍ର ଦାସ (ଜନତା ଦରବାର ପାର୍ଟି) ଏବଂ ସ୍ୱାଧୀନ ଭାବେ ଜୀବନ ସଂଗ୍ରାମ ମିଶ୍ର, ପ୍ରକାଶ ନାୟକ, ପ୍ରଶାନ୍ତ କୁମାର ମହାନ୍ତି ଓ ବିକାଶ ଚନ୍ଦ୍ର ସାହୁ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଭଦ୍ରକ ଜିଲ୍ଲାର ମୋଟ ୧୩୧୨ଟି ମତଦାନ କେନ୍ଦ୍ର (ବୁଥ)ରେ ମତଦାନ ହେବ। ଭଣ୍ଡାରିପୋଖରୀ ବିଧାନସଭା ଆସନରେ ୨୫୯, ଭଦ୍ରକ ବିଧାନସଭା ଆସନରେ ୨୬୪, ବାସୁଦେବପୁର ବିଧାନସଭା ଆସନରେ ୨୬୭, ଧାମନଗର ସଂରକ୍ଷିତ ଆସନରେ ୨୫୭ ଓ ଚାନ୍ଦବାଲି ବିଧାନସଭା ଆସନରେ ୨୬୫ଟି ବୁଥରେ ମତଦାନ ହେବ। ଚଳିତ ନିର୍ବାଚନରେ ୧୩୦ଟି ବୁଥକୁ ସଖୀ ବୁଥ ହୋଇଛି, ଯାହାକୁ ମହିଳାମାନେ ପରିଚାଳନା କରିବେ। ସେହିଭଳି ୩୦ଟି ବୁଥକୁ ୩୦ବର୍ଷରୁ କମ୍ ବୟସ୍କ ଅଧିକାରୀମାନେ ପରିଚାଳନା କରିବାକୁ ବ୍ୟବସ୍ଥା ହୋଇଥିବା ବେଳେ ଗୋଟିଏ ବୁଥକୁ ଦିବ୍ୟାଙ୍ଗମାନେ ପରିଚାଳନା କରିବେ ବୋଲି ଜଣାଯାଇଛି।

# ପ୍ରମୁଖ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି



- ମଇଦାନରେ ମଞ୍ଜୁଲତା, ଅଭିମନ୍ୟୁ, ଅନନ୍ତ, ପ୍ରଫୁଲ୍ଲ, ସଞ୍ଜୀବ, ମନମୋହନ, ବ୍ୟୋମକେଶ, ସୁରଜ, ବିଷ୍ଣୁବ୍ରତ, ନିରଞ୍ଜନ

ଭଦ୍ରକ, ୩୧।୫(ସମିସ): ଶେଷ ପର୍ଯ୍ୟାୟ ନିର୍ବାଚନରେ ଭଦ୍ରକ ଜିଲ୍ଲାର ବହୁ ପ୍ରମୁଖ ପ୍ରାର୍ଥୀଙ୍କ ମତ ସାବ୍ୟସ୍ତ କରି ଭାଗ୍ୟ ପରୀକ୍ଷା କରିବେ ମତଦାତା। ଭଦ୍ରକ ଲୋକସଭା ନିର୍ବାଚନରେ ଏହି ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ଅଛନ୍ତି ଭଦ୍ରକ ସଂରକ୍ଷିତ ଲୋକସଭା ଆସନର ପ୍ରଥମ ମହିଳା ସାଂସଦ ତଥା ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ବରିଷ୍ଠ କଂଗ୍ରେସ ନେତା, ପ୍ରାକ୍ତନ ସାଂସଦ ତଥା କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ ବିଜେପିନେତା ଅଭିମନ୍ୟୁ ସେଠୀଙ୍କ ସେହିପରି ଭଣ୍ଡାରିପୋଖରୀ ବିଧାନସଭା ଆସନରେ ବିଜେଡିରୁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, କଂଗ୍ରେସରୁ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଭଦ୍ରକ ବିଧାନସଭା ଆସନରେ ବିଜେଡିରୁ ବରିଷ୍ଠ ରାଜନେତା ବିଧାୟକ ପ୍ରଫୁଲ୍ଲ ସାମଲ, ବାସୁଦେବପୁର ବିଧାନସଭା ଆସନରେ ବିଜେଡିରୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ସଂରକ୍ଷିତ ବିଧାନସଭା ଆସନରେ ବିଜେପିରୁ ବିଧାୟକ ସୂର୍ଯ୍ୟବଂଶୀ ସୂରଜ। ସେହିଭଳି ବଡ ଫାଇଟ୍ ହେଉଛି ଜିଲ୍ଲାର ଚାନ୍ଦବାଲି ବିଧାନସଭା ଆସନରେ। ଏହି ଆସନରେ ବିଜେଡିରୁ ରାଜ୍ୟ ଯୁବ ବିଜେଡି ସଭାପତି ବିଧାୟକ ବ୍ୟୋମକେଶ ରାୟଙ୍କ ସହ ବିଜେପିରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଲଗାତର ଭାବେ ଦୁଇ ଥର ବିଜେଡିରୁ ବିଜୟୀ ହୋଇ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ବିଧାୟକ ଶ୍ରୀ ରାୟ ନିର୍ବାଚନ ଲଢୁଥିବା ବେଳେ ଲଗାତର ଭାବେ ୨ଥର ପରାଜିତ ହୋଇ ବିଜେପି ପ୍ରାର୍ଥୀ ଶ୍ରୀ ସାମଲ ତୃତୀୟ ଥର ଲାଗି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଭଦ୍ରକରୁ ୨ଥର ଓ ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ୩ ଥର ଲଗାତର ବିଜେଡିରୁ ବିଧାୟକ ହୋଇ ଏଥର ଭଦ୍ରକ ଲୋକସଭା ଆସନରୁ ବିଜେଡିରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ। ଭଣ୍ଡାରିପୋଖରୀ ଆସନରେ ବିଜେଡିରୁ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପ୍ରାର୍ଥୀ ହୋଇ ୨ୟ ଥର ଲାଗି ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବାସୁଦେବପୁର ବିଧାନସଭା ଆସନରେ ବିଜେଡିରୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମଧ୍ୟ ଦ୍ୱିତୀୟ ଥର ଲାଗି ପ୍ରତିଦ୍ୱନ୍ଦିତା କରୁଛନ୍ତି। ଭଦ୍ରକ ସଂରକ୍ଷିତ ଲୋକସଭା ଆସନରେ ପ୍ରଥମ ମହିଳା ସାଂସଦ ଭାବେ ନିର୍ବାଚିତ ହୋଇଥିବା ମଞ୍ଜୁଲତା ମଣ୍ଡଳ ୨ୟ ଥର ଲାଗି ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ଏହି ପ୍ରମୁଖ ପ୍ରାର୍ଥୀମାନଙ୍କ ଭାଗ୍ୟ ମତଦାତାମାନେ ନିର୍ଦ୍ଧାରଣ କରିବେ।

# ପ୍ରଥମ ଥର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ



ଭଦ୍ରକ, ୩୧।୫(ସମିସ): ଚଳିତ ନିର୍ବାଚନରେ ଅନେକ ପ୍ରାର୍ଥୀ ପ୍ରଥମ କରି ନିର୍ବାଚନ ଲଢୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରମୁଖ ଦଳରେ ଥିବା ପ୍ରମୁଖ ନୂଆ ମୁହଁର ପ୍ରାର୍ଥୀମାନଙ୍କ ମଧ୍ୟରେ ଧାମନଗର ସଂରକ୍ଷିତ ଆସନରେ ବିଜେଡିରୁ ଡାକ୍ତର ସଞ୍ଜୟ ଦାସ, କଂଗ୍ରେସରୁ ରଞ୍ଜନ ବେହେରା, ଭଣ୍ଡାରିପୋଖରୀ ବିଧାନସଭା ଆସନରେ ବିଜେପିରୁ ସୁଧାଂଶୁ ନାୟକ, ଭଦ୍ରକ ବିଧାନସଭା ଆସନରେ କଂଗ୍ରେସରୁ ଅସିତ ପଟ୍ଟନାୟକ ଓ ବିଜେପିରୁ ସୀତାଂଶୁଶେଖର ମହାପାତ୍ର ନିର୍ବାଚନ ଲଢୁଥିବା ବେଳେ ବାସୁଦେବପୁର ବିଧାନସଭା ଆସନରେ ବିଜେପିରୁ ବାଣୀକଲ୍ୟାଣ ମହାନ୍ତି ପ୍ରତିଦ୍ୱନ୍ଦିତା କରୁଛନ୍ତି।

# ବୁଥରେ ପୋଲିଂ ପାର୍ଟି; ମତଦାନକୁ ଅପେକ୍ଷା




ବାରିକପୁର, ୩୧।୫(ସମିସ): ଆଜି ଅନ୍ତିମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୨୦ ଗୋଟି ବୁଥରେ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ସମସ୍ତ ପୋଲିଂ ପାର୍ଟି ପହଞ୍ଚିଥିବା ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ୧୨ଟି ଆଦର୍ଶ ଓ ୧୦ଟି ସଖୀ ବୁଥ କରାଯାଇଛି। ସର୍ବମୋଟ ୨୭ଟି ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ ହୋଇଥିବା ବେଳେ ସେଗୁଡିକରେ ସ୍ୱତନ୍ତ୍ର ଫୋର୍ସ ମୁତୟନ କରାଯାଇଛି। ବ୍ଲକ ଅଧୀନ ୨୩ଗୋଟି ପଞ୍ଚାୟତର ପ୍ରାୟ ଏକ ଲକ୍ଷରୁ ଅଧିକ ଭୋଟର ମତଦାନ କରିବେ ବୋଲି ଜଣାଯାଇଛି। ଶାନ୍ତି ଶୃଙ୍ଖଳାର ସହିତ ଭୋଟ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ଦୁଇ ହଜାରରୁ ଅଧିକ ପୋଲିସ ମୁତୟନ ହୋଇଥିବା ଜଣାପଡ଼ିଛି।

## ମଦ ଜବତ; ୨ଗିରଫ

ବାରିକପୁର, ୩୧।୫(ସମିସ): ଭଣ୍ଡାରିପୋଖରୀ ଥାନା ଛତାବର ଅଞ୍ଚଳରେ ଧାମନଗର ଅବକାରୀ ଥାନା ଉପନିରୀକ୍ଷକ ଅଭିଳାଷ ପାଲଙ୍କ ନେତୃତ୍ୱରେ କର୍ମଚାରୀ ମାନେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ସ୍ଥାନୀୟ ରାମଚନ୍ଦ୍ରପୁର ଓ ଛତାବର ଠାରୁ ବ୍ୟାପକ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ଉକ୍ତ ଚଢ଼ଉରେ ବିଭାଗର ଶିବ ପ୍ରସାଦ ସାହୁ, ସନ୍ଧ୍ୟାରାଣୀ ସେନାପତି, ରମାକାନ୍ତ ବାରିକ, ସୂର୍ଯ୍ୟକାନ୍ତ କିସ୍କୁ ପ୍ରମୁଖ ସାମିଲ ହୋଇଥିଲେ।

## ସବୁ ବୁଥ୍‌ରେ ପ୍ରସ୍ତୁତ ପୋଲିଂପାର୍ଟି

# ସକାଳ ୭ରୁ ସନ୍ଧ୍ୟା ୫ଟା ଯାଏଁ ଭୋଟ

ଧାମନଗର/ଦୋବଲ, ୩୧।୫(ସମିସ): ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୫୭ଟି ବୁଥ। ଏଥିରେ ନୂଆ ଭୋଟରଙ୍କୁ ଲଗାଇ ୨ ଲକ୍ଷ ୪୭ ହଜାର ୧୯୬ ଜଣ ଭୋଟର ତାଙ୍କର ମତଦାନ ସାବ୍ୟସ୍ତ କରିବେ। ସେଥି ମଧ୍ୟରୁ ତିହିଡ଼ି ବ୍ଲକର ୧୩ ପଞ୍ଚାୟତର ୭୧ଟି ବୁଥକୁ ବାଦ ଦେଲେ ଧାମନଗର ବ୍ଲକର ୩୧ ପଞ୍ଚାୟତ ଓ ଏନ୍‌ଏସିର ୧୧ଟି ୱାର୍ଡରେ ମୋଟ ୧୮୬ଟି ବୁଥ। ଏହି ବ୍ଲକ ଅଞ୍ଚଳର ୨ଟି ଥାନା ମଧ୍ୟରୁ ଧାମନଗର ଥାନା ଅଧୀନରେ ୯୦ଟି ବୁଥ୍ ଓ ଧୂଷୁରୀ ଥାନା ଅଧୀନରେ ୯୬ଟି ବୁଥ। ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ପାଇଁ ପୁଲିସ ପକ୍ଷରୁ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ବ୍ଲକ ଅଧୀନରେ ୧୬ଟି ପିଙ୍କ୍ ବୁଥ ଓ ୫୫ଟି ମିକ୍ସଡ ବୁଥ ଓ ସଖୀ ବୁଥ। ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଏଥର ନିର୍ବାଚନରେ ୧୯ ଜଣ ସେକ୍ଟର ଅଫିସର, ମାଇକ୍ରୋ ଅବଜରଭର, ଏସଏସଟି, ଭିଏସଟି, ଆକାଉଟିଙ୍ଗ ଅଡିଟ ଟିମ୍, ଭିଡିଓ ଗ୍ରାଫିକ ଟିମ୍ ଗୁଡ଼ିକ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶରେ ପ୍ରସ୍ତୁତ ଅଛନ୍ତି। ଧାମନଗର ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ କୁମାର ରାୟ ରିଟର୍ଣ୍ଣିଂ ଅଫିସର ଥିବା ବେଳେ ଧାମନଗର ତହସିଲଦାର ଦୀପକ କୁମାର ଦାସ, ତିହିଡି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଅତିରିକ୍ତ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱରେ ଅଛନ୍ତି। ବ୍ଲକ ଅଞ୍ଚଳର ୧୮୬ଟି ବୁଥ ମଧ୍ୟରୁ ସମ୍ବେଦନ ଓ ଅତି ସମ୍ବେଦନଶୀଳ ବୁଥକୁ ମିଶାଇ ୬୦ ପ୍ରତିଶତ ଅର୍ଥାତ ୧୧୨ଟି ବୁଥରେ ସିସିଟିଭି ଲାଗିଛି। ଏଥି ସହିତ ସମ୍ବେଦନ ଓ ଅତି ସମ୍ବେଦନଶୀଳ ବୁଥରେ କେନ୍ଦ୍ରୀୟ ପୁଲିସ ବାହିନୀ ମୁତୟନ ରହିବେ। ଯାହା ଫଳରେ ଶାନ୍ତିଶୃଙ୍ଖଳାର ସହ ଭୋଟ ହୋଇପାରିବ। ନିର୍ବାଚନ ପରିଚାଳନାରେ ତ୍ରୁଟି କରିବା ଅଧିକାରୀ ଅବା କର୍ମଚାରୀଙ୍କୁ ତୁରନ୍ତ ସସପେଣ୍ଡ ସହ ବୁଥ ପରିସରରେ ବିଶୃଙ୍ଖଳକାରୀଙ୍କୁ ତତ୍‌କ୍ଷଣାତ ଗିରଫ କରାଯିବ ବୋଲି ନିର୍ବାଚନ କମିଶନର ସୂଚନା ଦେଇଛନ୍ତି। ଧାମନଗର ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ କୁମାର ରାୟ ରିଟର୍ଣ୍ଣିଂ ଅଫିସର ଥିବାବେଳେ ଧାମନଗର ତହସିଲଦାର ଦୀପକ କୁମାର ଦାସ, ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଅତିରିକ୍ତ ରିଟର୍ଣ୍ଣିଂ ଅଫିସର ଦାୟିତ୍ୱରେ ଅଛନ୍ତି।



# ମୂଲ୍ୟହୀନ ପାଲଟିଛି ତମାଖୁ ବର୍ଜନ ଦିବସ

ବନ୍ତ/ଆଗରପଡ଼ା, ୩୧।୫(ସମିସ): ପ୍ରତିବର୍ଷ ମେ ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳିତ ହୋଇଆସୁଛି। ସରକାରୀ ବିଭାଗ ଓ ବିଭିନ୍ନ ବେସରକାରୀ ସଂସ୍ଥା ତରଫରୁ ସଚେତନତାର ଅଭାବ ଯୋଗୁଁ ଏହା କାଗଜ କଲମରେ ସୀମିତ ପ୍ରାୟ। ସରକାର ସଚେତନତାର ବାର୍ତ୍ତା ପ୍ରେରଣ କରୁଥିବା ସ୍ଥଳେ ଏହା କାର୍ଯ୍ୟକାରୀ ହୋଇପାରୁନଥିବାରୁ ଏହି ଦିବସର ତାତ୍ପର୍ଯ୍ୟ ଆଜିଯାଏ କେହି କିଛି ବୁଝି ନାହାଁନ୍ତି। ଯଦି ତମାଖୁ ସେବନର ଭୟାବହତା ସମ୍ପର୍କରେ ଲୋକେ କିଛି ବୁଝିଥାଆନ୍ତେ; ତାହାହେଲେ ଗାଁ ଗହଳିଠୁ ଆରମ୍ଭ କରି ସହର ବଜାର ରାସ୍ତା କଡ଼ ଦୋକାନମାନଙ୍କରେ ଆଉ ଏତେ ସଂଖ୍ୟକ ତମାଖୁ ବିକ୍ରି ହେଉ ନଥାନ୍ତା। ବନ୍ତ ତଥା ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ପ୍ରତି ପାନ ଦୋକାନରେ ବିଭିନ୍ନ କମ୍ପାନୀର ତମାଖୁ ଜାତୀୟ ଦ୍ରବ୍ୟ ଖୁଲମ ଖୁଲା ବିକ୍ରି ହେଉଥିôବାର ଦେଖିବାକୁ ମିଳିଛି। ପାନ ଠାରୁ ବର୍ତ୍ତମାନ ଏହି ତମାଖୁ ଦ୍ରବ୍ୟର ଚାହିଦା ବୃଦ୍ଧି ପାଇଛି। କଲେଜ ପାଠ ପଢୁଆ ପିଲାଙ୍କ ଠାରୁ ଆରମ୍ଭ କରି ପାଠ ପଢ଼ାଉଥିବା ଯୁବ ଅଧ୍ୟାପକମାନଙ୍କର ଏହା ପ୍ରଥମ ପସନ୍ଦ ହୋଇପଡ଼ିଛି। ପାନ ଖାଇବା ଦ୍ୱାରା ଦାନ୍ତ ଲାଲ ପଡ଼ି ଏହାର ସୌନ୍ଦର୍ଯ୍ୟ ହାନୀ ଘଟୁଛି। ତେଣୁ ଏହାକୁ ସେବନ କଲେ ଏହିପରି ସମ୍ଭାବନା ଆଦୌ ନାହିଁ ବୋଲି କେତେକ କଲେଜ ଛାତ୍ର ଓ ହାଇସ୍କୁଲ ଛାତ୍ର ପ୍ରକାଶ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ସିଗାରେଟ କିମ୍ବା ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି ହୋଇପାରିବ ନାହିଁ। ମାତ୍ର ଏଠାରେ ଥିବା ସରକାରୀ ବାଳିକା ହାଇସ୍କୁଲ, କୃଷ୍ଣ ଚରଣ ବିଦ୍ୟାମନ୍ଦିର, ତୋଫାବିବୀ ସ୍କୁଲ, କାଦବରାଙ୍ଗ ସ୍କୁଲ, ଆଡ଼ିଆ ସ୍କୁଲ, ଅଡ଼ାଳପଙ୍କ ସ୍କୁଲ, ବନ୍ତ ହାଇସ୍କୁଲ ଆଦି ସ୍ଥାନରେ ଥିବା ଶିକ୍ଷାନୁଷ୍ଠାନକୁ ଲାଗି ରହିଥିବା ବିଭିନ୍ନ ଦୋକାନମାନଙ୍କରେ ଏହି ଦ୍ରବ୍ୟ ମାନ ବିକ୍ରି ଚାଲିଛି। ସର୍ବସାଧାରଣ ଚଳପ୍ରଚଳ କରୁଥିବା ଛକ, ରାସ୍ତାଘାଟରେ ଲୋକଙ୍କ ସମେତ ଛୋଟଛୋଟ ସ୍କୁଲ ପଢ଼ନ୍ତା ପିଲା ମଧ୍ୟ ଅବାଧରେ ଧୂମ୍ରପାନ କରୁଥିବାର ଦେଖିବାକୁ ମିଳୁଛି। ରାଜ୍ୟରେ ଗୁଟୁଖାକୁ ନିଷିଦ୍ଧ ଘୋଷଣା କରାଯାଇଥିବା ସ୍ଥଳେ ଏହା ଆଜି ପର୍ଯ୍ୟନ୍ତ ବନ୍ଦ ହୋଇପାରିନାହିଁ। କୋଟ୍‌ପା ଆଇନର ଧାରା ୬ ଅନୁସାରେ ବିଦ୍ୟାଳୟଠାରୁ ୧୦୦ ମିଟର ଦୂରରେ ତମାଖୁ ବିକ୍ରି ହେବାକୁ ବାରଣ ରହିଥିବା ସ୍ଥଳେ ଏହାର ଖୋଲା ଉଲ୍ଲଙ୍ଘନ କରାଯାଉଛି। ୧୮ ବର୍ଷରୁ କମ୍ ବୟସ୍କର ପିଲା ଏହି ଦ୍ରବ୍ୟ ବିକ୍ରୀ କରୁଛନ୍ତି। ଫଳରେ ତମାଖୁ ବର୍ଜନ ଦିବସର ବାର୍ତ୍ତା ଏବେ ମୂଲ୍ୟହୀନ ହୋଇପଡ଼ିଛି।




# ଆରପାରିରେ ଆଗରପଡ଼ା ଠାକୁର ରାଜା



ବନ୍ତ/ଆଗରପଡ଼ା, ୩୧।୫(ସମିସ): ଆଗରପଡ଼ା ଠାକୁର ରାଜା ଭାବେ ପରିଚିତ ବିଟିପୁର ଗ୍ରାମର କିଶୋରୀ ମୋହନ ସିଂହଙ୍କ ତାଙ୍କ ବାସଭବନରେ ଶୁକ୍ରବାର ପରଲୋକ ଘଟିଛି। ସେ କିଛି ଦିନ ହେଲା ରୋଗାକ୍ରାନ୍ତ ହୋଇ ଘରେ ଚିକିତ୍ସିତ ହୋଇ ଆସୁଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପରଲୋକ ବେଳକୁ ତାଙ୍କ ନିକଟରେ ପୁଅ ସୁପ୍ରିମକୋର୍ଟ ଆଡଭୋକେଟ ଜଗତମୋହନ ସିଂହଙ୍କ ସମେତ ବୋହୂ, ଝିଅଜ୍ୱାଇଁ, ପୁତୁରା, ନାତିନାତୁଣୀମାନଙ୍କ ସହ ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ସେ ଜଗନ୍ନାଥ ମହାପ୍ରଭୁଙ୍କ ପରମସେବକ ଥିଲେ। ଜିଲ୍ଲାର ଅନ୍ୟତମ ପ୍ରମୁଖ ରଥଯାତ୍ରା ତାଙ୍କ ପ୍ରଚେଷ୍ଟାରେ ଏଠାରେ ହୋଇ ଆସୁଥିଲା। ସ୍ଥାନୀୟ ଆଖପାଖ ଅଞ୍ଚଳରେ ତାଙ୍କ ପୂର୍ବଜମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ପ୍ରସିଦ୍ଧି ଲାଭ କରିଛି। ତାଙ୍କ ପରଲୋକରେ ବିଶିଷ୍ଟ ସମାଜସେବୀ ରାମନାରାୟଣ ରାୟ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

